ଉଜ୍‌ବେକିସ୍ତାନ ଲୋକକାହାଣୀ

ପ୍ରଥମ ଭାଗ

ଶ୍ରୀ ଲକ୍ଷ୍ମୀନାରାୟଣ ରାୟସିଂହ

Digitized by srujanika@gmail.com

ଉଜ୍‌ବେକିସ୍ତାନ ଲୋକ କାହାଣୀ

ପ୍ରଥମ ଭାଗ

ଅଧ୍ୟାପକ ଲକ୍ଷ୍ମୀନାରାୟଣ ରାୟସିଂହ

ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

Digitized by srujanika@gmail.com

ନୂତନ ମୁଦ୍ରଣ ୧୯୮୯

ପ୍ରକାଶକ
ଶ୍ରୀ ପୀତାମ୍ବର ମିଶ୍ର
ବିଦ୍ୟାପୁରୀ,
ବାଲୁବଜାର, କଟକ ୭୫୩୦୦୨

ମୁଦ୍ରଣ
ଗୋସ୍ୱାମୀ ପ୍ରେସ୍
ଆଲାମଚାନ୍ଦ ବଜାର, କଟକ ୭୫୩୦୦୨

ମୂଲ୍ୟ—ଟ ୫.୦୦

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ । ଅନ୍ଧ ପିତାର ଦୃଷ୍ଟିଲାଭ		୧
୨ । ବୋକା ବାଦଶାହା	...	୯
୩ । ଚତୁର ଝିଅ	...	୧୫
୪ । ଦୁଇ ଭଉଣୀ	...	୨୦

Digitized by srujanika@gmail.com

ଅନ୍ଧପିତାର ଦୃଷ୍ଟିଲାଭ

ବହୁଦିନ ତଳର କଥା । ସେତେବେଳେ ଜଣେ ଭଦ୍ରଲୋକ ଥାଆନ୍ତି । ତାଙ୍କର ଛଅଟି ପୁଅ ଓ ଗୋଟିଏ ମାତ୍ର ଝିଅ ।

ଦିନେ ତାଙ୍କର ଶ୍ରେଷ୍ଠ ପୁଅଟି ବୁଲିବାକୁ ଗଲା । ମାସ ବିତିଗଲା, ବର୍ଷ ବିତିଗଲା, ଶ୍ରେଷ୍ଠ ପୁଅ ଆଉ ଫେରି ଆସିଲା ନାହିଁ । ଦୁଃଖରେ ବାପା କାନ୍ଦି କାନ୍ଦି ଅନ୍ଧ ହୋଇଗଲେ ।

ଯେଉଁ ଚିକିତ୍ସକ ବୁଢ଼ାଙ୍କର ଚିକିତ୍ସା କରୁଥିଲେ, ସେ କହିଲେ, "ଅନେକ ଦୂରରେ ରୁଷ ଦେଶରେ ଦୃଷ୍ଟିଲାଭର ଔଷଧ ଅଛି । ଆପଣଙ୍କ ପାଇଁ ସେଇ ଔଷଧ ଆଣିବା ଦରକାର । ତା'ହେଲେ ଆପଣ ଦୃଷ୍ଟିଶକ୍ତି ଫେରିପାଇବେ ।"

ବୁଢ଼ା ତାଙ୍କ ପୁଅମାନଙ୍କୁ ଡାକିଲେ । ସେ କହିଲେ, "ପିଲାମାନେ, ମୁଁ ଅନ୍ଧ । ତୁମମାନଙ୍କ ମଧ୍ୟରୁ କିଏ ମୋ ଦୁଃଖ ବୁଝି ରୁଷ ଦେଶରୁ ଔଷଧ ଆଣିବ ? ପାଥେୟ ହିସାବରେ ମୋ'ଠାରୁ ତୁମେ କ'ଣ ଚାହଁ, ଅର୍ଥ ନା ଆଶୀର୍ବାଦ ?"

ପାଞ୍ଚଟିଯାକ ପୁଅ ଏକାବେଳକେ ଉତ୍ତର ଦେଲେ,

Digitized by srujanika@gmail.com

"ବାବା, ଟଙ୍କା ହେଲେ ବୁଢାମାନଙ୍କ ମଧ୍ୟ ଫଳଉ ମିଳିପାରିବ । ଟଙ୍କା ସବୁ କରିପାରେ । ଟଙ୍କା ହେଲେ ଆପଣଙ୍କ ଆଖି ମଧ୍ୟ ଫେରାଇ ଆଣିହେବ ।"

ବୁଢ଼ା ପୁଅମାନଙ୍କ ମଧ୍ୟରେ ଟଙ୍କା ଭାଗ କରିଦେଲେ । ପୁଅମାନେ ରୁଷଦେଶକୁ ଗଲେ । ସେଠାକୁ ସେମାନେ ଯାଇ ଆମୋଦ ପ୍ରମୋଦ କରି ସବୁ ଟଙ୍କାପଇସା ଉଡ଼ାଇ ଦେଲେ ।

ତା'ପରେ ସବୁ ଭାଇଯାକ ଶୂନ୍ୟହସ୍ତରେ ଘରକୁ ଫେରିଲେ । ବୁଢ଼ା ଖୁବ୍ ବିରକ୍ତ ହୋଇ କେବଳ ଦୀର୍ଘଶ୍ୱାସ ପକାଇଲେ । ସେତେବେଳେ ଝିଅ ତାଙ୍କୁ କହିଲା,

"ବାବା, ମୋତେ ରୁଷଦେଶକୁ ଯିବାକୁ ଅନୁମତି ଦିଅ ।"

"ମା ମୋର, ତୁ କ'ଣ ଚାହୁଁ, ଟଙ୍କା ନା ଆଶୀର୍ବାଦ ? କହ ।"

ଝିଅ ବାବାଙ୍କୁ ଅତି ଭଲ ପାଏ, ତେଣୁ କହିଲା,

"ବାବା, ମୁଁ ତୁମର ସେବା କରିବାକୁ ଚାହେଁ, ମୋର ଅନୁରୋଧ, ମୋତେ ଆଶୀର୍ବାଦ କର ।"

ବୁଢ଼ା ଝିଅ ମୁଣ୍ଡରେ ହାତ ବୁଲାଇ କହିଲା,

"ତୁ ଯଦି ଏଇ ଔଷଧ ଆଣି ମୋର ଦୃଷ୍ଟିଶକ୍ତି ଫେରାଇ ଦେଇ ପାରିବୁ, ତା'ହେଲେ ସଂସାରରେ ଥର ମୁଁ ତୋ ପାଖରେ କୃତଜ୍ଞ ରହିବି ।"

ଝିଅ, ଚୁଲକାଠି ଖଚର ପିଠିରେ ଖାଦ୍ୟପଦାର୍ଥ ଓ ବାଟକୁ ଦରକାରୀ ଅନ୍ୟାନ୍ୟ ଜିନିଷ ଲଦି, ନିଜେ ଘୋଡ଼ାରେ ବସି, ଗୋଟିଏ ବାଜପକ୍ଷୀ ହାତରେ ଧରି, ଦଶଜଣ ଦାସଦାସୀଙ୍କ ସହିତ ଦୂର ରୁଷ ଦେଶକୁ ଯାତ୍ରା ଆରମ୍ଭ କଲା ।

ଦିନସାରା ଚାଲିଚାଲି ସନ୍ଧ୍ୟା ସମୟକୁ ସେମାନେ ଥକିଗଲେ । ଝିଅ ଦାସୀମାନଙ୍କୁ କହିଲା, "ଦେଖ, ବାବା ତୁମମାନଙ୍କୁ ମୋର ସେବା କରିବା-ପାଇଁ ପଠାଇଛନ୍ତି । ମୁଁ ତୁମ ସମସ୍ତଙ୍କୁ ମୁକ୍ତ ଦେଲି । ଯାଅ, ତୁମେମାନେ ଚାଲିଯାଅ, ସୁଖରେ ରହ ।"

ଝିଅଟି ଦାସୀମାନଙ୍କୁ ପୁରସ୍କାର ଦେଇ ସେ ସମସ୍ତଙ୍କୁ ମୁକ୍ତି ଦେଲା, ଏବଂ ନିଜେ ଏକୁଟିଆ ଚାଲିଲା ।

Digitized by srujanika@gmail.com

କିଛି ବାଟ ଯାଉ ନ ଯାଉ ହଠାତ୍ ଗୋଟିଏ ଭୀଷଣ ଦୈତ୍ୟ ଦେଖାଦେଲା । ସେ ଜନ୍ତୁପଶୁ ସମେତ ଗୋଟିଏ ପରେ ଗୋଟିଏ ଖଚରକୁ ଗିଳିବାକୁ ଲାଗିଲା ।

ଝିଅଟି କିନ୍ତୁ ଥରେ ହେଲେ ତା'ଆଡ଼କୁ ଫେରି ଚାହିଁଲା ନାହିଁ । ଏପରିକି ଆଖିର ପତା ମଧ୍ୟ ତା'ର ଥରିଲା ନାହିଁ ।

ଏଇ ସାମାନ୍ୟ ଝିଅଟିର ସାହସ ଦେଖି ଦୈତ୍ୟ ଆଶ୍ଚର୍ଯ୍ୟ ହୋଇଗଲା । ମନେ ମନେ ଭାବିଲା, "ମୁଁ ଏହାର ଏତେ ଜନ୍ତୁପଶୁ ଖାଇଦେଲି ତଥାପି ମଧ୍ୟ ସେ ନୀରବରେ ଆଗେଇ ଚାଲିଛି । ଝିଅଟା ତ ଖୁବ୍ ସାହସୀ !"

ଦୈତ୍ୟଟି ଝିଅଟି ପାଖକୁ ଆସି କହିଲା, "ଏ ଝିଅ ! ମୁଁ ତୋର ଏତେ ଜନ୍ତୁପଶୁ ଗିଳି ଦେଲିଣି, ଆଉ ତୁ ମୋ ଆଡ଼କୁ ଟିକିଏ ଚାହିଁଲୁ ବି ନାହିଁ ? କାହିଁକି କହ ତ ?"

ଝିଅଟି ଧୀରସ୍ଥିର ହୋଇ କହିଲା, "ତୁମକୁ ଭୋକ ହେଉଥିଲା, ସେଥିପାଇଁ ମୋର ତୁମ ପ୍ରତି ଦୟା ହେଲା । ତା ନ' ହୋଇଥିଲେ ତଲୁଆରର ଚୋଟରେ ମୁଁ ତୁମକୁ ହାଣି ଦେଇଥାନ୍ତି । ମୁଁ ତୁମ ସହିତ ଲଢ଼ାଇରେ ସମୟ ନଷ୍ଟ କରିପାରିବି ନାହିଁ । ବାଦଶାହଙ୍କ ଭଣ୍ଡାରରୁ ଔଷଧ ଆଣିବା ପାଇଁ ମୁଁ ତ ରୁଷଦେଶକୁ ଯାଉଛି । ସେହି ଔଷଧ ଆଣିଦେଲେ ବାବାଙ୍କ ଆଖି ଭଲ ହୋଇଯିବ ।"

ଦୈତ୍ୟ କହିଲା, "ଆରେ, ବାବାର ଯୋଗ୍ୟ ଝିଅ, ମୋ କାନ୍ଧରେ ତୁମେ ବସ, ମୁଁ ତୁମକୁ ରୁଷଦେଶକୁ ନେଇଯିବି ।"

ଝିଅଟି ଦୈତ୍ୟର କାନ୍ଧରେ ବସିଲା । ଦୈତ୍ୟ ତାକୁ ମୁହୂର୍ତ୍ତକେ ରୁଷ ଦେଶରେ ବାଦଶାହଙ୍କ ପ୍ରାସାଦକୁ ନେଇଗଲା ।

ଦୈତ୍ୟ ପଥର କାନ୍ଥଟାକୁ ଜୋରରେ ଚାଟିଲା । ଚାଟିବାରୁ କାନ୍ଥଟା ପିଆଜର ଖୋସାପରି ପତଳା ହୋଇଗଲା । ଦୈତ୍ୟ କହିଲା, "ଏ ଝିଅ ! ଏଇ ପଥରଟାକୁ ଧକ୍କା ମାରି, ରାଜାଙ୍କ ଭଣ୍ଡାର ଘର ବାଟ ଖୋଲିଯିବ । ବୋତଲରେ ଥିବା ଔଷଧକୁ ଯଦି ନେବ, ତେବେ କାଗଜରେ ମୋଡ଼ା ହୋଇଥିବା ଔଷଧକୁ ଛୁଇଁବ ନାହିଁ । ଆଉ ଯଦି କାଗଜରେ ମୋଡ଼ା

Digitized by srujanika@gmail.com

ହୋଇଥିବା ଔଷଧକୁ ନେବ, ତା'ହେଲେ ବୋତଲରେ ଥିବା ଔଷଧକୁ ଛୁଇଁବ ନାହିଁ ।"

ପଥର ଘୁଞ୍ଚିଗଲା । ଝିଅଟି ଭଣ୍ଡାରଘରେ ପହଞ୍ଚିଲା । ସେଠାରେ ବୋତଲ ଔଷଧ ନେବ କି କାଗଜରେ ମୋଡ଼ା ହୋଇଥିବା ଔଷଧ ନେବ, ଏହି ଦ୍ୱନ୍ଦ୍ୱରେ ପଡ଼ି ଦୁଇଟାଯାକ ଔଷଧ ଧରିଲା ।

ସାଙ୍ଗେ ସାଙ୍ଗେ କ'ଣ ଯେପରି ଗୋଟାଏ ଗର୍ଜନ ହେଲା । ପ୍ରତ୍ୟେକ ଦୁଆର କଟ କଟ ହେଲା । ଗୋଟାଏ ପଥର ଉଠି ଦୁଆର ବନ୍ଦ କରିଦେଲା । ଝିଅଟି ହେଲା ବନ୍ଦୀ ।

ସକାଳୁ ଝିଅଟିକୁ ରୁଷର ବାଦଶାହଙ୍କ ନିକଟରେ ହାଜର କରାଗଲା । ବାଦଶାହ ପଚାରିଲେ, "ତୁମେ ମୋ ଭଣ୍ଡାରରେ ଲୁଚିକରି ପଶିଥିଲ କାହିଁକି ?"

"ମୋର ବାବା ଅନ୍ଧ । ତେଣୁ ମୁଁ ଔଷଧ ପାଇଁ ଆସିଛି ।"

"ଆରେ ! ତୁମେ ତ ଖୁବ୍ ଧୂର୍ତ୍ତ ଜଣାଯାଉଛ !" ତାଚ୍ଛଲ୍ୟ କରି ବାଦଶାହ ହସିଲେ । କହିଲେ, "ଆନ୍ଦର୍ ଖାଁ ଝିଅକୁ ମୋ ପାଖକୁ ଆଣି ଦେଲେ ଔଷଧ ଓ ମୁକ୍ତି ଦି'ଟାଯାକ ପାଇବ, ନ ହେଲେ ତରଭୁଜ ପରି ତୁମ ଗଣ୍ଡିରୁ ମୁଣ୍ଡକୁ ଅଲଗା କରି ଦେବାପାଇଁ ଆଦେଶ ଦେବି ।"

ଝିଅଟି ମୁଣ୍ଡ ନୁଆଁଇ କହିଲା, "ମୁଁ ଆଣିଦେବି । ସେଥିପାଇଁ ମୋତେ ଚାଳିଶ ଦିନ ସମୟ ଦିଆଯାଉ ।"

ବାଦଶାହ ରାଜି ହେଲେ । ତା'ପରେ ଝିଅଟି ଦୈତ୍ୟ ପାଖକୁ ଗଲା ।

ଦୈତ୍ୟ କହିଲା, "ଏ ଝିଅ ! ତୁମେ ଏ ପର୍ଯ୍ୟନ୍ତ କ'ଣ କରୁଥିଲ ?"

ଝିଅଟି କହିଲା, "ମୁଁ ତୁମ କଥା ନ ରଖି ଏକା ସାଙ୍ଗରେ ଦୁଇଟାଯାକ ଔଷଧ ନେଇଆସିଲି ।"

ଦୈତ୍ୟ କହିଲା, "ଯାହା ହେବାର ହେଲାଣି, ଏଥର ଚାଲ ଯିବା !" ଆଖିପିଛୁଳାକେ ସେ ଦୁହେଁ ଆସି ହାଜର ହେଲେ ଆନ୍ଦର୍ ଖାଁଙ୍କ ସହରରେ ।

ଦୈତ୍ୟ କହିଲା, "ଆନ୍ଦର୍ ଖାଁର ଝିଅ ଯେତେବେଳେ ଶୁଏ, ତା'ର ଚାଳିଶ ଦିନ ପରେ ଉଠେ । ଆଜକୁ ଅଣଚାଳିଶ ଦିନ ହେଲା

Digitized by srujanika@gmail.com

ଶୋଇଛୁ । କାଲି ଭୋର୍‌ରୁ ଉଠିବ । ସାବଧାନରେ ତା' ଦେହରୁ କମଳ କାଢ଼ି ରଖିବ । ତା'ପରେ ରାଜକନ୍ୟାକୁ କୋଳ କରି ନେଇ ଆସିବ, କିନ୍ତୁ ସାବଧାନ ! ରାଜକନ୍ୟାକୁ ଆଣିଲାବେଳେ କମଳକୁ କେବେହେଲେ ଛୁଇଁବ ନାହିଁ ।"

ଝିଅଟି ରାଜପ୍ରାସାଦରେ ପହଞ୍ଚିଗଲା । ରାଜକନ୍ୟାକୁ ଚାଳିଶ ଜଣ ଦାସୀ ପହରା ଦେଉଛନ୍ତି । ସେମାନେ ମଧ୍ୟ ଶୋଇ ପଡ଼ିଛନ୍ତି । ମୁଣ୍ଡ ପର୍ଯ୍ୟନ୍ତ ଘୋଡ଼ାଇ ହୋଇ ଶୋଇଛନ୍ତି ରାଜକନ୍ୟା । କମଳଟା ରାଜକନ୍ୟା ଠାରୁ ବି ସୁନ୍ଦର, ରାଜକନ୍ୟା କମଳ ଠାରୁ ମଧ୍ୟ ସୁନ୍ଦର ଦେଖାଯାଉଛି ।

ଝିଅଟି ଦୈତ୍ୟର କଥା ଭୁଲିଗଲା । କମଳ ଆଉ ରାଜକନ୍ୟା ଦୁହିଁଙ୍କୁ ଏକାବେଳକେ ଟେକି ଆଣିଲା ।

ଦାସୀମାନେ ଉଠିପଡ଼ିଲେ । ଝିଅଟିକୁ ଧରି ପକାଇଲେ । ଭୋର୍‌ରୁ ତାକୁ ନେଇ ଆସିଲେ ଆଦର୍ ଖାଁଙ୍କ ପାଖକୁ ।

ରାଗରେ ଆଦର୍ ଖାଁ ଚିତ୍କାର କରି କହିଲେ, "ତୁମେ ମୋ ଝିଅକୁ ଚୋରି କରିବାକୁ ଆସିଥିଲ କାହିଁକି ?"

"ମୋ ବାବା ଅନ୍ଧ ହୋଇଯାଇଛନ୍ତି । ମୁଁ ଔଷଧ ଖୋଜିବା ପାଇଁ ରୁଷ ଦେଶକୁ ଆସିଥିଲି । ରୁଷର ବାଦଶାହ କହିଲେ, ଆଦର୍ ଖାଁଙ୍କ ଝିଅକୁ ଆଣିଦେଲେ ଔଷଧ ଦେବେ, ନଇଲେ ତରଭୁଜ ପରି ମୋ ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦେବେ ।"

ଆଦର ଖାଁ କହିଲେ, "ପୂର୍ବ ଦେଶରେ ଏକ ପାହାଡ଼ ଅଛି । ସେଇ ପାହାଡ଼ରେ ଜଣେ ଯାଦୁକର ଅଛି । ତା'ର ଗୋଟିଏ କଳା ଘୋଡ଼ା ଅଛି । ମୋତେ ଘୋଡ଼ାଟି ଆଣି ଦେଲେ ତୁମକୁ ମୋ ଝିଅକୁ ଦେବି । ନଇଲେ ତରଭୁଜ ପରି ତୁମ ଗଣ୍ଡିରୁ ମୁଣ୍ଡକୁ ଛିଣ୍ଡାଇ ପକାଇବି ।"

ଝିଅଟି କହିଲା, "ହଉ, ତେବେ ଚାରିଦିନ ସମୟ ଦିଅ ।"

ଆଦର ଖାଁ କହିଲେ, "ଆଚ୍ଛା, ତୁମକୁ ଚାରିଦିନ ସମୟ ଦେଲି, ଯାଅ ।"

ଝିଅଟି ଗଲା ଦୈତ୍ୟ ପାଖକୁ । ଦୈତ୍ୟ ଝିଅଟିକୁ ପଚାରିଲା, "ଏ ଝିଅ, ତୁମେ ଏତେବେଳେ ଯାଏ କ'ଣ କରୁଥିଲ ?"

Digitized by srujanika@gmail.com

ଯାହା ଯାହା ଘଟିଛି ଝିଅଟି ସବୁ କହିଲା । ଦୈତ୍ୟ କହିଲା, "ଯାହା ହେବାର ହେଲାଣି, ଏବେ ଚାଲ ଯିବା ।"

ଝିଅଟି ତା କାନ୍ଧରେ ବସିଲା । ଦୈତ୍ୟ ଶୂନ୍ୟେ ଶୂନ୍ୟେ ଉଡ଼ି ଚାଲିଲା । ଗୋଟିଏ ଦିନ ଓ ଗୋଟିଏ ରାତି ପରେ ସେ ଦୁହେଁ ସେଇ ପାହାଡ଼ରେ ପହଞ୍ଚିଲେ । ଯାଦୁକରର ଘୋଡ଼ାଶାଳ ପାଖରେ ଓହ୍ଲାଇଲେ । ଦୈତ୍ୟ କହିଲା, "ଏ ଘୋଡ଼ାଶାଳକୁ ଭଲ କରି ନଜର ରଖିବ । ଘୋଡ଼ାଟା ତୁମକୁ ଦେଖି ହିଁ ହିଁ ହେବ । ଯାଦୁକର ଦୌଡ଼ି ଆସିବ । ସେତେବେଳେ ତୁମେ ଲୁଚି ପଡ଼ିବ । ଯାଦୁକର ଯେତେବେଳେ ଚାଲିଯିବ, ତୁମେ ବାହାରିବ । ଯାଦୁକର ପୁଣି ଦୌଡ଼ି ଆସିବ, ପୁଣି ଚାଲିଯିବ ।

ତୁମେ ଘୋଡ଼ାଶାଳ ଭିତରକୁ ଯାଇ କହିବ, "ଆରେ ଜାତିଆ ଘୋଡ଼ା, ମୁଁ ତୋତେ ପାଣି ବଦଳରେ ଦୁଧ ଆଉ କୋଳଥ ବଦଳରେ କସ୍‌ମିସ୍ ଖୁଆଇବି । ଏତିକ କହିବା ସାଙ୍ଗେ ସାଙ୍ଗେ ଜିନ୍ ପକାଇ ମୋ ପାଖକୁ ନେଇ ଆସିବ ।"

ଦୈତ୍ୟ ଯାହା କହିଥିଲା ଝିଅଟି ତାହା ଅକ୍ଷରେ ଅକ୍ଷରେ ପାଳନ କଲା । ଦୈତ୍ୟ ଘୋଡ଼ା ଓ ଝିଅଟିକୁ ନେଇ ଉଡ଼ିଆସିଲା ଆଦିର୍ ଖାଁଙ୍କ ସହରକୁ ।

ଦୈତ୍ୟ କହିଲା, "ଏ ଝିଅପିଲା ! ଏଇ ଘୋଡ଼ାଟାକୁ ଆଦିର୍ ଖାଁଙ୍କୁ ନ ଦେଇ ତୁମେ ନିଜେ ନେବ । ମୁଁ ଠିକ୍ ଏ ଘୋଡ଼ା ପରି ହୋଇଯିବି । ତୁମେ ମୋତେ ଆଦିର୍ ଖାଁଙ୍କୁ ଦେଇଦେବ । ସେ ତୁମକୁ ତା ଝିଅକୁ ଦେଇଦେବ । ତୁମେ ତାକୁ ନେଇ ଚାଲିଯିବ । ମୁଁ ତୁମକୁ ଧରି ପଳାଇବି ।"

ଦୈତ୍ୟଟା ଠିକ୍ ଏ ବୁଲି ପଡ଼ୁ ପଡ଼ୁ ଘୋଡ଼ା ହୋଇଗଲା । ଝିଅଟି ତାକୁ ଖାଁଙ୍କ ହାତରେ ଦେଇଦେଲା । କହିଲା, ଘୋଡ଼ାଟି ନିଅ ।

ଆଦିର୍ ଖାଁ ତାକୁ ଝିଅ ଦେଲେ ।

ଝିଅ ଦୁଇଟି ଯାଦୁକରର ଘୋଡ଼ାରେ ଚଢ଼ି ଚାଲିଗଲେ । ଏଥର ଆଦିର୍ ଖାଁଙ୍କ କଥା ଶୁଣ ।

ଆଦିର୍ ଖାଁ ଘୋଡ଼ା ଉପରେ ଜିନ୍ ପକାଇବାକୁ ଆଦେଶ ଦେଲେ । ସୁନାରେ ତିଆରି ବାଁ ପାଖ ପାଦାଣିରେ ଗୋଡ଼ ପୂରାଇ ଡାହାଣ

Digitized by srujanika@gmail.com

ଗୋଡ଼ ଘୋଡ଼ା ପିଠି ଉପରକୁ ନେଇ ନେଇ ଘୋଡ଼ା ପିମ୍ପୁଡ଼ିଟିଏ ହୋଇଗଲା । ଆନ୍ଦର୍ ଖାଁ ତଳେ ଚପାକସ୍ କଚଡ଼ାଏ ପଡ଼ିଗଲେ ।

ଆଖିପିଛୁଳାକେ ଦୈତ୍ୟ ଝିଅ ଦୁହିଁଙ୍କ ଧରି ଚଲାଇଲା । ସେମାନେ ଏତେବେଳକୁ ରୁଷ ଦେଶରେ ପହଞ୍ଚିଗଲେଣି । ଦୈତ୍ୟ ଆଉଥରେ ବୁଲି ପଡ଼ୁ ପଡ଼ୁ ଗୋଟିଏ ଝିଅ ହୋଇଗଲା । ସେ ପୁଣି ଆନ୍ଦର୍ ଖାଁଙ୍କ ଝିଅଠାରୁ ଆହୁରି ସୁନ୍ଦରୀ ଦେଖାଗଲା । ସେ କହିଲା, "ମୋତେ ବାଦଶାହଙ୍କ ପାଖରେ ଦେଇ ଔଷଧ ନେଇ ଚାଲିଯାଅ ।"

Digitized by srujanika@gmail.com

ଝିଅରୂପୀ ଦୈତ୍ୟକୁ ଝିଅଟି ରୁଷ ଦେଶର ବାଦଶାହଙ୍କୁ ଦେଲା । ବାଦଶାହ ଝିଅଟିକୁ ବୋତଲରେ ଥିବା ଔଷଧ ଓ କାଗଜରେ ମୋଡ଼ା ହୋଇଥିବା ଔଷଧ ଦେଇ ଛାଡ଼ଦେଲେ ।

ଏହା ପରେ ରୁଷର ବାଦଶାହ ବଡ଼ଭୋଜିର ଆୟୋଜନ କଲେ । ଭୋଜ ସମୟକୁ ଝିଅରୂପୀ ଦୈତ୍ୟ ପିମ୍ପୁଡ଼ିଟିଏ ହୋଇ ଗାତରେ ପଶି ବାହାରଗଲା ।

ତା'ପରେ ଦୈତ୍ୟ ସେ ଝିଅ ଦୁଇଟିଙ୍କ ପାଖେ ପହଞ୍ଚି ତାଙ୍କୁ ନିଜ କାନ୍ଧରେ ବସାଇ ଝଡ଼ଠାରୁ ଅଧିକ ବେଗରେ ଉଡ଼ିଗଲା ।

ଆଖିପିଛୁଳାକେ ସେ ବୁଢ଼ାର ଘର ପାଖେ ପହଞ୍ଚିଗଲା । ଝିଅଟି ତା ବାବାର ଆଖିରେ ଔଷଧ ଦେଲା । ବୁଢ଼ା ଦୃଷ୍ଟିଶକ୍ତି ଫେରି ପାଇଲା ।

ବାବା ଝିଅକୁ ଖୁବ୍ ସ୍ନେହ କଲେ ଓ ଦେଖିବାକୁ ପାଇଲେ ଦୈତ୍ୟ ସ୍ଥାନରେ ଜଣେ ସୁନ୍ଦର ପୁରୁଷ ଠିଆ ହୋଇଛି । ବହୁବର୍ଷ ଆଗରୁ ହଜି ଯାଇଥିବା ଜ୍ୟେଷ୍ଠ ପୁଅଟି ହେଉଛି ସେଇ ।

"ମୋ ନୟନତାରା"—ବାପା କହି ପକାଇଲେ । ଆଦରରେ ପୁଅକୁ କୁଣ୍ଢାଇ ପକାଇଲେ । ବଡ଼ଭୋଜର ଆୟୋଜନ କଲେ । ଭୋଜ ସମୟରେ ଜ୍ୟେଷ୍ଠ ପୁଅ କୁଆଡ଼େ ଯାଇଥିଲା ବୋଲି ପଚାରିଲେ । ଜ୍ୟେଷ୍ଠ ପୁଅଟି କହିଲା, "ମୋର ଦେଶଭ୍ରମଣ ବେଳେ ମୁଁ ଯାଦୁକର ଓ ଯାଦୁ-ଘୋଡ଼ା କଥା ଜାଣିବାକୁ ପାଇଲି । କିନ୍ତୁ ମୁଁ ଯେତେବେଳେ ଯାଦୁକରର ଘୋଡ଼ାଶାଳକୁ ଗଲି, ଯାଦୁକର ମୋତେ ଦୈତ୍ୟ କରିଦେଇ ତା କାମ କରିବାକୁ ବାଧ୍ୟ କଲା । ବାପା କିମ୍ବା ମା' ପାଇଁ ଜୀବନ ଦେବାକୁ ପ୍ରସ୍ତୁତ—ଏପରି ପୁଅ ବା ଝିଅ କେବଳ ହିଁ ମୋତେ ଏହି ଦାସତ୍ୱରୁ ମୁକ୍ତି ଦେଇ ପାରିଥାନ୍ତେ ।"

"ବାବା, ମୋ ଭଉଣୀ ତୁମକୁ ଭଲପାଏ ବୋଲି ବଡ଼ କାର୍ଯ୍ୟ କରିଛି । ଯାଦୁକରର ଅଦ୍ଭୁତଶକ୍ତି ପ୍ରଭାବ ନଷ୍ଟ କରିପାରିଛି ।"

ବୁଢ଼ାର ଏଇ ପୁଅ ଆଦର୍ ଖାଁଙ୍କ ଝିଅକୁ ବାହାହେଲେ । ମୋ କଥାଟି ସରିଲା ।

Digitized by srujanika@gmail.com

ବୋକା ବାଦଶାହା

ବହୁକାଳ ପୂର୍ବେ ଗୋଟିଏ ଲୋକର ପୁରୁଣା ଦଦରା ଘରଟା ଭାଙ୍ଗି ପଡ଼ିଲା । ସେ ଲୋକଟି ଥିଲା ଘୋର ଗରିବ । ସେ ଠିକ୍ କଲା, ଗୋଟାଏ ନୂଆ ଘର ତିଆରି କରିବ ।

ଘର ତିଆରି କରିବା ପ୍ରାୟ ଶେଷ ହୋଇଯାଇଥିଲା, କେବଳ ଛାତ ପକାଇବା ବାକି ଥିଲା । କିନ୍ତୁ ଗରିବ ଲୋକଟିର ହାତରେ ଆଉ ଟଙ୍କା ନାହିଁ, ତେଣୁ ସେ ରାଜମିସ୍ତ୍ରୀକୁ କହିଲା, "ଛାତ ଉପରେ ଖୁଣ୍ଟ ଦେଇ ତା ଉପରେ ମାଟି ଲଦି ଦିଅ । ଭବିଷ୍ୟତରେ ଯେତେବେଳେ ପାରିବି, ମୁଁ ନିଜେ ହିଁ ଛାତ ତିଆରି କରିଦେବି ।"

ଗରିବ ଲୋକଟି ନିଜର ଏଇ ଅସମ୍ପୂର୍ଣ୍ଣ ଘରଟିରେ ବାସ କରିବାକୁ ଲାଗିଲା ।

ପାଖରେ ରହୁଥାଏ ଜଣେ ଚୋର । ନୂଆ ଘର ଦେଖି ସେ ଭାବିଲା, "ଏ ଗରିବଟି ନିଶ୍ଚୟ ବଡ଼ଲୋକ ହୋଇଯାଇଛି । ତେଣୁ ନୂତନ ଘର ତିଆରି କରିଛି । ତା'ହେଲେ ଏଠାରୁ କିଛି ଲାଭ ମିଳିନିବ ନିଶ୍ଚୟ !"

ରାତିରେ ଚୋରଟି ଛାତ ଉପରକୁ ଉଠି ତା ଉପରେ ବୁଲିବାକୁ ଆରମ୍ଭ କଲା । ପାଦଟାଏ ପକାଉ ପକାଉ ଖୁଣ୍ଟଟା ଭାଙ୍ଗି ଗଲା । ଚୋର ଯାଇ ତଳେ ପଡ଼ିଗଲା । ସିଧା ଯାଇ ପଡ଼ିଲା ଶୋଇଥିବା ଗରିବ ଲୋକଟି ଉପରେ ।

ଗରିବ ଲୋକଟିର ନିଦ ଭାଙ୍ଗିଗଲା । ଚୋର ଧରିବାକୁ ସେ ଉଠିଲା । କିନ୍ତୁ ଅନ୍ଧାର ହୋଇଥିଲା ବୋଲି ଚୋର ପଳାଇଗଲା । ଚୋର ତା' ଆରଦିନ ବାଦଶାହାଙ୍କ ପାଖକୁ ଫେରାଦ କରିବାକୁ ଗଲା ।

ବାଦଶାହ ପଚାରିଲେ, "ତୁମେ କିଏ ? କ'ଣ ତୁମର ଅଭିଯୋଗ ?"

"ହେ ବଙ୍କ ଶାହନଶାହ ବାଦଶାହା ! ମୁଁ ଗୋଟିଏ ଘରକୁ ଚୋରି କରିବାକୁ ଯାଇଥିଲି । ସେ ଘରର ଛାତକୁ ଉଠୁଥିଲି । କିନ୍ତୁ ସେଠାରେ ଛାତ

Digitized by srujanika@gmail.com

ନ ଥିଲା, ଘୁଚ ବଦଳରେ ଥିଲା ଚାଞ୍ଚ । ମୁଁ ସେଠାରୁ ପଡ଼ିଗଲି । ମୋର ପାଦ ଜାଣ ଭାଙ୍ଗିଥିଲା ତ ! ମୋର ଆର୍ଜି ହେଉଛି—ଏଇ ଘରର ମାଲିକକୁ ଶାସ୍ତି ଦିଆଯାଉ !”

ବାଦଶାହ ଘରର ମାଲିକ ଗରିବ ଲୋକଟିକୁ ଡାକିଲେ । ସେ ପଚାରିଲେ, “ଏକଥା କଅଣ ସତ ଯେ, ଏଇ ଲୋକଟି ରାତିରେ ତୁମ ଘୁଚରୁ ପଡ଼ିଯାଇଥିଲା ?”

ଗରିବଟି କହିଲା—“ହଜୁର, କଥାଟା ସତ । କିନ୍ତୁ ଭିକ୍ଷା ଅଛି, ଯେ ସେ ମୋର ଉପରେ ପଡ଼ିଗଲା । ନ ହେଲେ ଟାଙ୍କ ଭାଙ୍ଗି ଯାଇଥାନ୍ତା ।”

ବାଦଶାହ ଜଲ୍ଲାଦ (ହତ୍ୟାକାରୀ)ମାନଙ୍କୁ ଆଦେଶ ଦେଲେ, “ଏକଥା ଯେତେବେଳେ ସତ, ସେତେବେଳେ ଘରର ମାଲିକକୁ ଫାଶିରେ ଝୁଲାଇ ଦିଅ ।”

ଗରିବ ଲୋକଟି କାତର ହୋଇ କହିଲା, “ହେ ବାଦଶାହ, ମୋତେ ଫାଶିରେ ଝୁଲା ହେବ କାହିଁକି ? ଚୋରକୁ ଶାସ୍ତି ଦେବା ଦରକାର ।”

“ଚୁପ୍ କର ! ମୋତେ ଶିଖାଇବାକୁ ତୋର ସାହସ ହେଉଛି କିପରି ?”

ଗରିବଟି ବିଚାରି ଦେଖିଲା ଯେ ଅବସ୍ଥା ଖରାପ । ବାଦଶାହାଙ୍କ ପାଖରୁ ସୁବିଚାର ମିଳିବ ନାହିଁ ।

ତେଣୁ ସେ କହିଲା, “ଶାହାନଶାହ ବାଦଶାହା, ସତରେ କ’ଣ ମୁଁ ଅପରାଧୀ ? ମଜୁରିଆ ଘୁଚ ତିଆରି କରିଛି । ସେଇ ତ ଖରାପ କାମ କରିଛି । ସେ ଖରାପ ଚାଞ୍ଚ ଦେଇଛି ।”

ବାଦଶାହ କହିଲେ, “ତା’ ହେଲେ ଏକୁ ଛାଡ଼ିଦିଅ । ଘୁଚ ତିଆରି କରିଛି ଯେଉଁ ମଜୁରିଆ ତାକୁ ହିଁ ଫାଶି ଦିଅ ।”

ଘାତକମାନେ ସେଇ ମଜୁରିଆକୁ ଧରି ଫାଶିକାଠ ଆଡ଼କୁ ନେଇ ଚାଲିଲେ । ମଜୁରିଆ କହିଲା, “ବାଦଶାହାଙ୍କ ନିକଟରେ ମୋର ଏକ ଆପତ୍ତି ଅଛି ।”

ବାଦଶାହ କହିଲେ, “କ’ଣ ଚାହୁଁଛୁ, କହ ।”

Digitized by srujanika@gmail.com

"ହେ ବାଦଶାହ ! ମୁଁ ମୋଟେ ଦୋଷୀ ନୁହେଁ । ଯେଉଁ ଲୋକ ଚାଙ୍ଗ ତିଆର କରିଛି, ସେଇ ଦୋଷୀ । ଚାଙ୍ଗକୁ ଫାଙ୍କ ଫାଙ୍କ କରି ବୁଣିଛି । ଚାଙ୍ଗ ଯଦି ଶକ୍ତ ଓ ମଜବୁତ୍ ହୋଇଥାନ୍ତା, ତା'ହେଲେ ତା' ଉପରେ ଲୋକ ଚାଲିଲେ ମଧ୍ୟ ସେଗୁଡ଼ାକ ଭାଙ୍ଗିପଡ଼ନ୍ତା ନାହିଁ ।"

ବାଦଶାହ ସେତେବେଳେ ମଜୁରିଆକୁ ଛାଡ଼ିଦେଲେ । ଯିଏ ଚାଁଚ ବୁଣିଛି, ତାକୁ ଖୋଜି ବାହାର କରି ତାକୁ ହିଁ ଫାଶି ଦେବାର ଆଦେଶ ଦେଲେ । ତାକୁ ଧରି ଅଣାଗଲା ।

ବାଦଶାହ ପଚାରିଲେ, "ତୁମେ ଚାଙ୍ଗ ତିଆର କରିଥିଲ ?"

ଚାଙ୍ଗବାଲା କହିଲା "ଆଜ୍ଞା ହଁ ।"

ବାଦଶାହ ଚିତ୍କାର କରି କହିଲେ, "ଏକୁ ଫାଶି ଦିଅ । ଏହାର ଚାଙ୍ଗ ପାଇଁ ଯେତେସବୁ ଗଣ୍ଡଗୋଳର ସୂତ୍ରପାତ ହୋଇଛି ।"

ଚାଙ୍ଗବାଲା କହିଲା, "ହେ ବାଦଶାହ, ଆପଣଙ୍କୁ ଗୋଟିଏ କଥା କହିବାକୁ ଚାହୁଁଚି । ମୁଁ ସବୁ ସମୟରେ ମଜବୁତ୍ ଚାଙ୍ଗ ତିଆର କରେ । କିନ୍ତୁ ଏବେ ମୋର ପ୍ରତିବେଶୀ ପାରାଖେଳରେ ଖୁବ୍ ମାତିଛି । ଯେତେ-ବେଳେ ଇଚ୍ଛା ସେତେବେଳେ ସେ ପାରାଗୁଡ଼ାକୁ ଛାଡ଼ିଦିଏ ଓ ପାରାଗୁଡ଼ାକ ଘୂରି ବୁଲନ୍ତି । ମୁଁ ସେମାନଙ୍କ ଆଡ଼କୁ ଅନାଇ ଦେଖେ । ଏହା ଫଳରେ ମୋର କାମ ଖରାପ ହୋଇଯାଇଛି । ତେଣୁ ମୁଁ ଚାଙ୍ଗ ତିଆର କରୁଥିଲାବେଳେ ନରମ ହୋଇଗଲା । ସେହି ପାରାଖେଳବାଲା ହିଁ ପ୍ରକୃତରେ ଅପରାଧୀ ।"

ବାଦଶାହ ଚାଙ୍ଗବାଲାକୁ ଛାଡ଼ିଦେଲେ । ପାରାଖେଳବାଲାକୁ ଡାକ ପଠାଇଲେ । ତାକୁ ଫାଶି ଦେବାକୁ ଆଦେଶ ଦେଲେ ।

ପାରା-ଭକ୍ତ କହିଲା, "ହେ ଶାହନଶାହ ବାଦଶାହ, ମୋର ଏକମାତ୍ର ନିଶା ପାରା ଉଡ଼ାଇବା ଓ ସେମାନଙ୍କୁ ଦେଖି ଆନନ୍ଦ ପାଇବା । ଏଥିରେ ବିଶେଷ ପାପ ନାହିଁ । ଆପଣ ଯଦି ମୋତେ ଶାସ୍ତି ଦିଅନ୍ତି— ସେଥିରେ କାହାର କ'ଣ ଲାଭ ହେବ ? ଏଇ ଗରିବ ଲୋକଟିକୁ ଫାଶି ଦେବା ଅପେକ୍ଷା ବରଂ ସେଇ ଚୋରକୁ ହିଁ ଶାସ୍ତି ଦିଅନ୍ତୁ । ସେ ନ ରହିଲେ ଲୋକେ ହେଲେ ଶାନ୍ତିରେ ବାସ କରିବେ ।"

ବାଦଶାହ ଏକମତ ହେଲେ, "ଠିକ୍ ଠିକ୍ ! ଚୋର ହିଁ ଅପରାଧୀ, ଚୋରକୁ ଧରି ଫାଶି ଦିଅ ।"

Digitized by srujanika@gmail.com

ଘାତକମାନେ ଗ୍ରେରକୁ ଖୋଜ ବାହାର କରି ଫାଶିକାଠ ଆଡ଼କୁ ନେଇ ଗ୍ଲଲେ । କିନ୍ତୁ ଫାଶିକାଠଟି ଥିଲା ଛୋଟ । ଗ୍ରେରଟା ଥିଲା ଖୁବ୍ ଡେଙ୍ଗା । ଘାତକମାନେ ଯେତେ ଚେଷ୍ଟା କରିଲେ ଗ୍ରେରକୁ ଝୁଲାଇବା ପାଇଁ, ପ୍ରତ୍ୟେଥର ହିଁ ତାର ପାଦ ମାଟିରେ ଆସି ଲାଗିଲା । ଘାତକମାନେ ବାଦଶାହଙ୍କ ପାଖକୁ ଯାଇ ଜଣାଇଲେ, "ହେ ଶାହନ-ଶାହ ! ଗ୍ରେରଟା ବହୁତ ଲମ୍ବା । ତାର ପାଦ ଲାଗି ଯାଉଛି ମାଟିରେ । କେବେହେଲେ ଝୁଲାଇ ହେଉନାହିଁ । କ'ଣ କରିବୁ ?"

ବାଦଶାହ ଭାବନାରେ ପଡ଼ିଗଲେ । କହିଲେ, "ଏଇ ସବୁ ଛୋଟ ଛୋଟ କଥା ନେଇ ତମେ ମୋ ପାଖକୁ ଆସିଛ ? ଚୋର ଯଦି ବେଶୀ ଲମ୍ବା ହେଲା, ତୁମେ କ'ଣ ରାସ୍ତା ଉପରକୁ ଯାଇ ଗୋଟାଏ ଛୋଟିଆ ଲୋକକୁ ଧରିଆଣି ପାରୁନାହଁ ? ଡେଙ୍ଗା ବଦଳରେ ଗେଡ଼ା କାହାକୁ ଧରି କ'ଣ ଫାଶି ଦିଆଯାଇ ପାରିବ ନାହିଁ ? ଏକଥା ମଧ୍ୟ କ'ଣ ମୁଣ୍ଡରେ ଢୁକୁ ନାହିଁ ?"

ଘାତକମାନେ ରାସ୍ତାକୁ ଯାଇ ଦେଖନ୍ତି ଯେ ଗୋଟିଏ ଗେଡ଼ା ଲୋକ ମଇଦା ବସ୍ତାଟାଏ କାନ୍ଧରେ ପକାଇ ଚାଲୁଛି ।

ଘାତକମାନେ ଭାବିଲେ, "ହଁ, ବାଦଶାହ ଯାହା କହିଛନ୍ତି, ଠିକ୍ ସେଇପରି ଲୋକଟାଏ ମିଳିଗଲା । ବାଦଶାହଙ୍କ ଆଦେଶ ପାଳନ କରିବାକୁ ହେବ ।

ସେମାନେ ଏଇ ଗେଡ଼ା ଲୋକଟାକୁ ଫାଶିକାଠ ପାଖକୁ ନେଇଗଲେ ।

ସେ ଅନୁନୟ କରି କହିଲା, "ମୁଁ କି ଅପରାଧ କରିଛି ? ତୁମେମାନେ କାହିଁକି ମୋତେ ଫାଶି ଦେଉଛ ?"

ଏଇ ସମୟରେ ଦଣ୍ଡ ଦେବା ଦେଖି ମଜା ପାଇବେ ବୋଲି ବାଦଶାହ ନିଜେ ଆସିଛନ୍ତି ଫାଶିକାଠ ପାଖକୁ ।

ଗେଡ଼ା ଲୋକଟି ପାଟିକରି କହିଲା, "ବାଦଶାହଙ୍କ ପାଖରେ ମୋର ଗୋଟିଏ ଆପତ୍ତି ଜଣାଇବାର ଅଛି ।"

ବାଦଶାହ କହିଲେ, "କହ, କି ଆପତ୍ତି ?"

"ହେ ଶାହନଶାହ ବାଦଶାହ ! ମୁଁ ଗରିବ, ପାହାଡ଼ରୁ କାଠ ଗୋଟାଇ ସହରରେ ବିକ୍ରି କରେ, ଲୋକଙ୍କର ଗଣ୍ଠିଲି ବୋହିକରି ନିଏ ।

Digitized by srujanika@gmail.com

ମୋର କି ଅପରାଧ ? ଆପଣ କାହିଁକି ମୋତେ ଫାଶି ଦେବାର ଆଦେଶ ଦେଇଛନ୍ତି ?"

ବାଦଶାହ ଧମକ ଦେଇ କହିଲେ, "ବୋକା ! ତୁ ଅପରାଧୀ କି ନୁହଁ, ମୁଁ ଜାଣିବି କପରି ? ଗୋଟାଏ ଲୋକଙ୍କୁ ଫାଶି ଦେବା ଦରକାର । ମୁଁ ଚୋରକୁ ଫାଶି ଦେବାକୁ ଚାହିଁଥିଲି । କିନ୍ତୁ ସେ ଖୁବ୍ ଡେଙ୍ଗା । ତା ପାଦ ମାଟିରେ ଲାଗିଲା । ଆଉ ତୁ ହେଉଛୁ ଠିକ୍ ଗେଡ଼ା ।"

ହତଭାଗ୍ୟ ବିଚରା ପ୍ରାର୍ଥନା କଲା, "ଶାହାନଶାହ ବାଦଶାହ, ଡେଙ୍ଗା ଚୋର ହେଉଛି ଅପରାଧୀ, ଆଉ ଆପଣ ଫାଶି ଦେଉଛନ୍ତି ଏପରି ଏକ ଗରିବ ଲୋକକୁ ଯେ, ଯିଏ କୌଣସି ଘଟଣାରେ ବି ଅପରାଧୀ ନୁହେଁ ! ସୁବିଚାର କେଉଁଠି ! ଚୋର ଯଦି ବେଶୀ ଡେଙ୍ଗା ହେଲା, ତା'ହେଲେ ଫାଶିକାଠ ତଳୁ ମାଟି ଖୋଳି କିଛି ଖାଲ କରିଦେବାକୁ କହନ୍ତୁ ।"

ବାଦଶାହ ଭାବିଚିନ୍ତି କହିଲେ, "ଠିକ୍ ଠିକ୍ , ଠିକ୍ କଥା କହୁଛୁ, ଏକୁ ଛାଡ଼ିଦିଅ । ଚୋରକୁ ହିଁ ଫାଶି ଦିଅ ! ଆଉ ତା ପାଦ ତଳପାଖ ଭୂଇଁରେ ଗୋଟାଏ ଗର୍ତ୍ତ ଖୋଳିଦିଅ ।"

ଘାତକମାନେ ଚୋରକୁ ପୁଣି ଫାଶିକାଠ ପାଖକୁ ଆଣି ତା'ର ଗଳାରେ ଫାଶ ଲଗାଇ ଦେଲେ । ଆଉ ତା ପାଦତଳେ ଥିବା ଭୂଇଁରେ ଗାତ ଖୋଳିବାକୁ ଲାଗିଲେ । ଚୋର ପାଟିକରି କହିଲା, "ଶୀଘ୍ର, ଶୀଘ୍ର ନ ହେଲେ ଡେରି ହୋଇଯିବ । ଶୀଘ୍ର ମୋତେ ଫାଶି ଦିଅ ।"

ବାଦଶାହ ବିସ୍ମିତ ହୋଇଗଲେ, "ଲୋକଟା ମରିବା ପାଇଁ ଏତେ ତରତର ହେଉଛି କାହିଁକି ?"

"ଶାହାନଶାହ ବାଦଶାହ ! ସ୍ୱର୍ଗର ବାଦଶାହ ଏବେ ମରିଯାଇଛନ୍ତି । ମୃତ୍ୟୁର ପୂର୍ବରୁ ସ୍ୱର୍ଗର ବାଦଶାହ କହିଛନ୍ତି, "ଯିଏ ଆଗ ମରି ସ୍ୱର୍ଗକୁ ଆସିବ ତାକୁ ହିଁ ବାଦଶାହ କରିବି ।" ଏଇଥିପାଇଁ ମୁଁ ତରତର ହେଉଛି । ଏବେ ଯଦି ମୋର ଫାଶିଟା ହୋଇଯାଏ, ତେବେ ସଙ୍ଗେ ସଙ୍ଗେ ଯାଇ ବାଦଶାହ ହେବି । ସେ ସ୍ଥାନଟାଏପର୍ଯ୍ୟନ୍ତ ମଧ୍ୟ କେହି ଅଧିକାର କରିନାହାନ୍ତି । ଶୀଘ୍ର ଶୀଘ୍ର ମୋତେ ଫାଶି ଦିଅ । ଆତୁର ତରତରରେ କହିବାକୁ ଲାଗିଲା ଚୋରଟି ।

Digitized by srujanika@gmail.com

ବାଦଶାହାଙ୍କର ଈର୍ଷା ହେଲା; ସ୍ୱର୍ଗର ବାଦଶାହ ହେବାଟା କ'ଣ ବାଜେ କଥା ହୋଇଛି ? "ମୁଁ ପରଲୋକର ବାଦଶାହ ହେବି ।" ଏ କଥା ଭାବି ସେ ଘାତକମାନଙ୍କୁ ଆଦେଶ ଦେଲେ, "ଚୋରକୁ ଛାଡ଼ିଦିଅ ଆଜି ମୋତେ ହିଁ ଫାଶି ଦିଅ ।"



"ବାଦଶାହଙ୍କ ଆଦେଶ ପାଳନ କରିବାକୁ ହେବ !" ଘାତକମାନେ ଚୋରକୁ ଛାଡ଼ି ଫାଶିଦେଲେ ବୋକା ବାଦଶାହଙ୍କୁ ।

ଏହିପରି ଭାବରେ ଘଟଣାଟା ନିଷ୍ପତ୍ତି ହୋଇଗଲା ।

Digitized by srujanika@gmail.com

ଚତୁର ଝିଅ

ବହୁଦିନ ପୂର୍ବେ ଜଣେ ବୁଢ଼ା ଥିଲା । ତାର ଥିଲା ବାର ବରଷର ଗୋଟିଏ ଝିଅ । ବୁଢ଼ାର ସବୁ ଥିଲା—ଗୋଟାଏ ଓଟ, ଗୋଟାଏ ଘୋଡ଼ା, ଗୋଟାଏ ଗଧ ।

ବୁଢ଼ା ପାହାଡ଼କୁ ଯାଇ କାଠ କାଟି ଆଣି ସହରରେ ବିକି କରେ ଆଉ ଘରର କାମ କରେ ।

ଦିନେ ବୁଢ଼ା ଓଟପିଠିରେ କାଠ ବୋଝାଇ କରି ବଜାରକୁ ଆସିଛି । ଜଣେ ମୋଟା ଜମିଦାର ତା'ପାଖକୁ ଆସି ପଚାରିଲା, "କାଠର ଦାମ୍ କେତେ ?"

ବୁଢ଼ା ତିନିଟଙ୍କା ଚାହିଁଲା ।



ମୋଟା ଜମିଦାର ଜଣକ କହିଲା, "ଦଶଟଙ୍କା ନିଅ, କାଠତକ ଯେପରି ଭାବରେ ଅଛି ଠିକ୍ ସେପରି ଭାବରେ ଆମ ଘରେ ପହଞ୍ଚାଇ ଦିଅ ।"

ବୁଢ଼ା ଆନନ୍ଦରେ ରାଜି ହୋଇ ମୋଟା ଜମିଦାରଙ୍କ ଘର ଅଗଣାକୁ କାଠ ନେଇଗଲା ।

Digitized by srujanika@gmail.com

ବୁଢ଼ା, କଥା ଅନୁସାରେ ଦଶଟଙ୍କା ପାଇଲା, ଚଳେ କାଠ ଓଟ୍ଟାଇ ଦେଇ ଚାଲିଆସିବାକୁ ବାହାରିଛି, ଏହି ସମୟରେ ହଠାତ୍ ମୋଟା ଜମିଦାର ଜଣକ କହିଲା,

"ଓଟଟା ବାନ୍ଧିଦେଇ ଯାଅ ।"

ବୁଢ଼ା ଆଶ୍ଚର୍ଯ୍ୟ ହୋଇଗଲା ।

"ଓଟଟା ମୋର ।"

ମୋଟା ଜମିଦାର କହିଲା, "ନା, ଓଟ ସମେତ ଯେପରି ଅଛି କାଠ ମୁଁ କିଣିଛି । ନ ହେଲେ, ବୋକା ଚୋଟେ ମୁଁ ଦଶଟଙ୍କା ଦେଇଥାନ୍ତି ?"

ସେ ଦୁହିଁଙ୍କ ଭିତରେ ଝଗଡ଼ା ଲାଗିଲା । ଶେଷରେ ସେମାନେ କାଜି (ଧର୍ମଗୁରୁ)ଙ୍କ ପାଖକୁ ଗଲେ ।

କାଜି ବୁଢ଼ାକୁ ପଚାରିଲେ—

"ଏକଥା କ'ଣ ସତ ଯେ କାଠ 'ଯେପରି ଅଛି' ତୁମେ ଏହାଙ୍କୁ ବିକି କରିଛ ?"

ବୁଢ଼ା କହିଲା, "ହଁ । କିନ୍ତୁ କାଜି ମହାଶୟ ! ଓଟର ଦାମ୍ ତ ତିନିଶହ ଟଙ୍କା ।"

"ସେକଥା ମୋର ଦରକାର ନାହିଁ । ତୁମେ ନିଜେ ଦୋଷୀ । କାଠ 'ଯେପରି ଅଛି' ସେଇପରି ବିକି କରିବାକୁ ରାଜି ନ ହେବା ଉଚିତ୍ ଥିଲା ତୁମର ।

ମୋଟା ଜମିଦାରଙ୍କୁ ଓଟଟା ଦେଇଦେବାର ଆଦେଶ ଦେଲେ କାଜି । ବୁଢ଼ା କାନ୍ଦି କାନ୍ଦି ଘରକୁ ଫେରିଆସିଲା । କେବଳ ଝିଅକୁ କିଛି ଜଣାଇଲା ନାହିଁ ।

ଦିଖଣ୍ଡ ଦିନ ଘୋଡ଼ାପିଠିରେ କାଠ ବୋଝେଇ କରି ବୁଢ଼ା ବଜାରକୁ ଗଲା । ପୁଣି ସେଇ ମୋଟା ଜମିଦାର ଆସି ହାଜର ।

"କାଠର ଦାମ୍ କେତେ ?"

"ତିନିଟଙ୍କା ।"

ମୋଟା ଜମିଦାର କହିଲା, "ଯେପରି ଅଛି ସେପରି କାଠକୁ ଦଶଟଙ୍କା ଦେବି ।"

Digitized by srujanika@gmail.com

କାଲି କ'ଣ ଘଟିଥିଲା ବୁଢ଼ା ସେକଥା ଭୁଲିଯାଇ ରାଜି ହୋଇଗଲା ।

ଏଥର ବୁଢ଼ା ଘୋଡ଼ାଟା ମଧ୍ୟ ହରାଇଲା ।

ଦୁଃଖିତ ହୋଇ ସେ ଘରକୁ ଫେରି ଆସିଲା । କିନ୍ତୁ ଝିଅକୁ କିଛି କହିଲା ନାହିଁ ।

ତୃତୀୟ ଦିନ ବୁଢ଼ା ଗଧ ପିଠିରେ କାଠ ବୋଝେଇ କରି ବଜାରକୁ ଗଲା । ଝିଅ ତାକୁ କହିଲା—

"ବାବା, କାଲି ଆଜି ପଅରଦିନ ତୁମେ ଓଟ ଓ ଘୋଡ଼ା ବ୍ୟତୀତ ଘରକୁ ଫେରିଛ । ଆଜି ତୁମର ଗଧ ମଧ୍ୟ ଯିବ । ମୁଁ ବରଂ କାଠ ବିକ୍ରି କରିବାକୁ ଯାଉଛି ।

ବୁଢ଼ା ରାଜି ହେଲା । ଝିଅ ଗଲା ବଜାରକୁ । ମୋଟା ଜମିଦାର ତା'ପାଖକୁ ଆସି ପଚାରିଲା ।

"କାଠର ଦର କେତେ ?"

ଝିଅଟି ତିନିଟଙ୍କା କହିଲା ।

ମୋଟା ଜମିଦାର ଜଣକ କହିଲା, "ଯେପରି ଅଛି, ସେପରି ଦେଲେ ପାଞ୍ଚଟଙ୍କା ଦେବି ।"

ଝିଅଟି ଉତ୍ତର ଦେଲା, "ଆପଣ କାଠପାଇଁ ଆପଣଙ୍କ ଟଙ୍କା ଯେପରି ଅଛି ସେପରି ଦେଲେ ଦେବି ।"

"ହଁ ମୁଁ ରାଜି, କାଠ ମୋ ଘରକୁ ନେଇ ଆସ ।"

ଝିଅଟି କାଠ ଓହ୍ଲାଇ ଦେଇ ପଚାରିଲା, "ଆପଣଙ୍କ ଗଧଟା ବାନ୍ଧିବି କେଉଁଠି କହନ୍ତୁ ତ ?"

ମୋଟା ଜମିଦାର ଜାଗା ଦେଖାଇଦେଲେ ।

ଝିଅଟି ଗଧକୁ ବାନ୍ଧିଦେଇ ଟଙ୍କା ମାଗିଲା ।

ମୋଟା ଜମିଦାର ଟଙ୍କା ବଢ଼ାଇ ଦେଲାବେଳେ ଝିଅଟି ଜମିଦାରଙ୍କ ହାତଟାକୁ 'ଖପ୍' କରି ଧରିପକାଇ କହିଲା, "ଆମେ ଯେତେବେଳେ ଦର ଠିକ୍ କଲେ, ଆପଣ କହିଲେ ଯେ 'ଯେପରି ଅଛି' ପାଞ୍ଚ ଟଙ୍କା ଦେବେ । ଏବେ ହାତ ସମେତ ଟଙ୍କା ଦିଅନ୍ତୁ ।"

Digitized by srujanika@gmail.com

ସେମାନେ କଳି କରିବାକୁ ଲାଗିଲେ । ପ୍ରତିବେଶୀମାନେ ଚିତ୍କାର ଶୁଣି ଛୁଟି ଆସିଲେ । ଝିଅଟି ମଧ୍ୟ ମୋଟା ଜମିଦାରକୁ ନେଇଗଲା କାଜୀଙ୍କ ପାଖକୁ ।

କାଜି କଥାକୁ ଏପଟ ସେପଟ କଲେ । ହଜାର ପ୍ରକାର ଠକାଇବାର ମତଲବ ବାହାର କଲେ, କିନ୍ତୁ ଝିଅଟି ନିଜର କଥା ଠିକ୍ ରଖିଲା ।

ଲୋକମାନେ ପାଟିକଲେ ।

"ଝିଅଟି ଠିକ୍ କହୁଛି ! କି ଚତୁର ଝିଅ !"

କାଜି ଭାବି ଭାବି ଶେଷରେ କହିଲେ, "ହାତଟା ଦେଇଦିଅ ।"

ମୋଟା ଜମିଦାର କାନ୍ଦି ପକାଇଲେ । "ହାତ ବ୍ୟତୀତ ମୁଁ କପରି ଚଳିବି ?"

"ବେଶ୍, ତା'ହେଲେ ପଚାଶଟି ସ୍ୱର୍ଣ୍ଣମୁଦ୍ରା କ୍ଷତିପୂରଣ ଦିଅ ।"

ଜମିଦାର, ଝିଅଟିକୁ ପଚାଶଟି ସ୍ୱର୍ଣ୍ଣମୁଦ୍ରା ଗଣି ଦେଲେ । କିନ୍ତୁ ସ୍ୱର୍ଣ୍ଣମୁଦ୍ରା ପାଇଁ ମୋଟା ଜମିଦାରର ଭାରି ଦୁଃଖ ହେଲା । ସେ ପୁଣି କହିଲା, "ଆସ, ଗୋଟାଏ ବାଜି ରଖିବା । ଆମ ଭିତରୁ ଯିଏ ଭଲ ଭାବେ ମିଛକଥା କହିପାରିବ ସେ ଆହୁରି ପଚାଶ ମୁଦ୍ରା ପାଇବ ।"

ଝିଅଟି କହିଲା, "ବେଶ୍, ତେବେ ଜମିଦାର ମହାଶୟ ଆପଣ ମୋଠାରୁ ବୟସରେ ବଡ଼, ତେଣୁ ଆପଣ ହିଁ ଆରମ୍ଭ କରନ୍ତୁ ।"

ମୋଟା ଜମିଦାର ବେଶ୍ ଆରାମରେ ବସି ଟିକଏ ପରେ ଆରମ୍ଭ କଲେ, "ଥରେ ମୁଁ ଗହମ ବୁଣିଥିଲି । ସେଗୁଡ଼ିକ ଏପରି ବଡ଼ ହେଲା ଯେ, ଘୋଡ଼ାରେ ଚଢ଼ି, ଓଟରେ ଚଢ଼ି ଗାଁକୁ ଆସୁଥିବା ଲୋକେ ସେଇ ଘଣବନ ପାଇଁ ବାଟ ଭୁଲିଗଲେ । ଥରେ କପରି ଗୃଳଶିଟା ଛେଳି ଗହମ କ୍ଷେତରେ ପଶିଗଲେ ଓ ବାଟ ବଣା ହୋଇଗଲେ । ଗହମ ପାଚିଲା । ମୁଁ କାଟିବାକୁ ଲୋକ ଲଗାଇଲି । ଗହମ କ୍ଷେତରେ ଲୋକ ପଶିଲେ, କଟା ହେଲା । ଏଣେ କିନ୍ତୁ ଛେଳି ଗୁଡ଼ାକର କୌଣସି ଚିହ୍ନ ନାହିଁ । ଦିନେ ମୁଁ ସ୍ତ୍ରୀକୁ ପିଠା କରିବାକୁ କହି କୋରାନ୍ ପଢ଼ିବାକୁ ବସିଲି । ଯେତେବେଳେ ଚୁଲିରୁ ପିଠା ଓହ୍ଲାଗଲା, ମୁଁ ପିଠାରୁ ଖଣ୍ଡେ ଭାଙ୍ଗି ଖାଇବାକୁ ଆରମ୍ଭ କଲି । ହଠାତ୍ ମୋର ଦାନ୍ତ ପାଖରେ ଆବାଜ ଶୁଣିଲି—"ମ୍ୟା...ଏ...ଏ ।" ଗୋଟାଏ ଛେଳି ମୁହଁରୁ ଡେଇଁ ବାହାରିଗଲା । ତାପରେ ଆହୁରି ଗୋଟାଏ

Digitized by srujanika@gmail.com

ତା'ପରେ ପୁଣି । ଛେଳିଗୁଡ଼ିକ ଏପରି ମୋଟା ହୋଇ ଯାଇଥିଲେ ଯେ ଦେଖିବାକୁ ଗୁରୁବରଷର ଷଣ୍ଢପରି ଜଣାଯାଉଥିଲେ ।

ଝିଅଟି ହାତତାଳି ଦେଇ ହସିଉଠିଲା । କହିଲା,—"ବେଶ୍ ! ଆପଣ ସତ କଥା ହିଁ କହିଛନ୍ତି, ଜଗତରେ ଏପରି ଅନେକ ଘଟଣା ଘଟେ । ଏବେ ମୋ କଥା ଶୁଣନ୍ତୁ । ଥରେ ଆମ ଗାଁର ଠିକ୍ ମଝିରେ ଗାତ କରି ଗୋଟିଏ ମାତ୍ର କପା ମଞ୍ଜି ପୋତିଦେଲି । ଗୋଟାଏ ବିଶାଳ ଗଛ ହେଲା ସେଇ ମଞ୍ଜିରୁ । ତା'ର ଛାଇ ପଡ଼ିଲା, ଗାଁ'ଠାରୁ ବନକ ଭିତରେ ଯେତେ-ବାଟ ଯାଇହେବ ସେତେବାଟ ଯାଏଁ । ଗୁରୁଆଡ଼େ ସମାନ । ଯେତେ-ବେଳେ କପା ପାଚିଲା ସେତେବେଳେ ତାହା ଛଡ଼ାଇବା ପାଇଁ ମୁଁ ପାଞ୍ଚଶହ ସ୍ୱାସ୍ଥ୍ୟବନ୍ତ ଓ ଶକ୍ତିଶାଳୀ ଝିଅଙ୍କୁ ଲଗାଇଲି । ସେମାନେ କାମ କରନ୍ତି ଖୁବ୍ ଶୀଘ୍ର । ଛଡ଼ା ହୋଇଥିବା ତୂଳା ସବୁ ବିକି କରିଦେଲି । ବିକିର ଟଙ୍କାରେ ଗୁଳିଶହ ଜୋର୍‌ଦାର ଓଟ କିଣି ଦାମିକା ଲୁଗା ତାଙ୍କ ପିଠିରେ ରଖି ମୋର ଦୁଇ ଭାଇଙ୍କୁ ବୋଖାରାକୁ ପଠାଇଲି । ସେ ବର୍ଷ ସେମାନଙ୍କର କୌଣସି ଖବର ପାଇଲି ନାହିଁ । ହାୟ ! ଏବେ କିଛିଦିନ ହେଲା ଖବର ପାଇଛି ଯେ ସେମାନଙ୍କୁ ହତ୍ୟା କରାଯାଇଛି । ଆପଣମାନେ ତ ସଜ୍ଜନଲୋକ, ଆପଣମାନେ (ଦର୍ଶକଙ୍କୁ) ଦେଖନ୍ତୁ, ଏଇ ମୋଟା ଜମିଦାର ଜଣକ ମୋ ଭାଇଙ୍କର ଆଲଖାଲ୍ଲାଟା ପିନ୍ଧି ବସିଛନ୍ତି । ଏଇଟା ପିନ୍ଧି ସେ ବୋଖାରାକୁ ଯାଇଥିଲେ । ତା'ର ମାନେ ଜମିଦାର, ଆପଣ ହିଁ ଭାଇମାନଙ୍କୁ ହତ୍ୟା କରି ସେମାନଙ୍କ ଜିନିଷପତ୍ର ଓ ଓଟ ନେଇ ଆସିଛନ୍ତି !"

ମୋଟା ଜମିଦାର ଜଣକ ଉଭୟ ସଙ୍କଟରେ ପଡ଼ିଲେ । ଝିଅଟିର ଗଳ୍ପ ଯଦି ଠିକ୍ ବୋଲି ମାନିନେବେ ତା'ହେଲେ ସେଇ ଅପରାଧରେ ତାଙ୍କର ବିଗୁର ହେବ । ମୁଣ୍ଡଟି ଆଉ ମଧ୍ୟ ରହିବ ନାହିଁ । ଆଉ ଯଦି କହନ୍ତି ଯେ ତା' ଗଳ୍ପଟା ମିଛ ତା'ହେଲେ ସର୍ତ୍ତାନୁଯାୟୀ ଝିଅଟିକୁ ପଚାଶଟି ସ୍ୱର୍ଣ୍ଣମୁଦ୍ରା ଦେବାକୁ ହେବ ।

ଭାବି ଭାବି ସ୍ୱର୍ଣ୍ଣମୁଦ୍ରା ବାହାର କରି ଜମିଦାର କହିଲେ, "ଜୀବନର ଏଇ ପ୍ରଥମଥର ମୁଁ ଠକିଗଲି ।"

ଝିଅଟି ତା'ପରେ, ସଙ୍ଗେ ସଙ୍ଗେ ଓଟ, ଘୋଡ଼ା ଓ ଗଧ ନେଇ ଆନନ୍ଦରେ ଘରକୁ ଫେରି ଆସିଲା ! ବାବା ତା'ର ବୁଦ୍ଧି ଦେଖି ଆନନ୍ଦରେ ଆତ୍ମହରା ହୋଇଗଲେ ।

Digitized by srujanika@gmail.com

ଦୁଇ ଭଉଣୀ

ଦୁଇଟି ଭଉଣୀ ଥାନ୍ତି । ବଡ଼ ଭଉଣୀ ନାଆଁ—'ଗୁଲନୋର', ସାନ ଭଉଣୀ ନାଆଁ 'ଓଇମୋମା' । ଝିଅ ଦୁଇଟି ଛୋଟ ଥିଲାବେଳେ ସେମାନଙ୍କ ମା' ମରିଯାଇଥାନ୍ତି ।

ଗୁଲନୋର ଓ ଓଇମୋମାର ବାପା କିଛୁଦିନ ଦୁଃଖରେ କାଳ କଟାଇ ପୁଣି ବିବାହ କଲେ । ସେ ବାହାହେଲେ ଜଣେ ବିଧବାକୁ । ଆସିଲା ବେଳେ ତା' ସହିତ ତା' ପୁଅଟି ଆସିଲା । ସେ ପୁଅଟି ବଡ଼ ରାଗି ଓ ଖ୍ୟାମଖେୟାଲି ।

ଘରର ଏରୁଣ୍ଡିରେ ପାଦ ଦେଉ ନ ଦେଉ ସାବତ ମା' ଚିତ୍କାର କରି ଝିଅମାନଙ୍କୁ କହିଲେ, "ପାଟିତୁଣ୍ଡ କରନା, ଗୋଳମାଳ କରନା, ବଦମାସୀ କରନା, ହସନା ।"

ଗୁଲନୋର ଓ ଓଇମୋମା କେବଳ ଜିଭ କାମୁଡ଼ି ପକାଇଲେ, ସ୍ତବ୍ଧ ହୋଇଗଲେ ।

ସେଇଦିନଠାରୁ ସାବତ ମା' ରୋଜ ଗୁଲନୋରକୁ ବାଧ୍ୟ କରନ୍ତି, ଘର ଓଳାଇବାକୁ, ପାଣି ଆଣିବାକୁ, କାଠ କାଟିବାକୁ, ଚୁଲି ଜାଳିବାକୁ, ଜାମାପଟା କାଚିବାକୁ, ରୋଷେଇ କରିବାକୁ, ବାସନ ଧୋଇବାକୁ, ଗୁହାଳ ଘର ସଫା କରିବାକୁ, ଫଳ ବଗିଚା ଠିକ୍ ରଖିବାକୁ । ଭୋର୍‌ଠାରୁ ରାତି ପର୍ଯ୍ୟନ୍ତ ଖଟେ ଗୁଲନୋର । ତଥାପି ସାବତ ମା' ଏତେ କାମରେ ମଧ୍ୟ ସନ୍ତୁଷ୍ଟ ହୁଅନ୍ତି ନାହିଁ । ସବୁବେଳେ ବକାବକି କରନ୍ତି । ଅଭିଶାପ ଦିଅନ୍ତି ସେ ଦୁହିଁଙ୍କୁ ।

ତଥାପି ଗୁଲନୋର ଗାଳିଗୁଲଜ ମାରଧର ସବୁ ମୁହଁବୁଜି ସହ୍ୟ କରେ । କେବଳ ରାତିରେ ଭଉଣୀ ଓଇମୋମାକୁ ବୁକୁରେ ଚାପି ଧରି ଗଭୀର ବେଦନାରେ ଫୁଲି ଫୁଲି କାନ୍ଦେ ।

ଦିନ ଯାଏ, ମାସ ଯାଏ, ବର୍ଷ ଯାଏ । ଗୁଲନୋର । ବଡ଼ ହେଲା । ଖୁବ ସୁନ୍ଦରୀ ଦେଖାଗଲା ।

Digitized by srujanika@gmail.com

ଗୁଲନୋରର ସୁନ୍ଦର ରୂପ କଥା ଦୂରଦୂରାନ୍ତରେ ବ୍ୟାପିଗଲା । ତା' ସମ୍ବନ୍ଧରେ ସମସ୍ତେ କହିଲେ, "କି ସୁନ୍ଦର ଝିଅ !" ସମସ୍ତଙ୍କ ମୁହଁରେ ତା'ର ନାଆଁ ।

ଗୁଲନୋରର ବିବାହ ସମ୍ବନ୍ଧରେ ଜଣକ ପରେ ଜଣେ ଭଦ୍ରଲୋକ ଘରେ ଆସି ପହଞ୍ଚିଗଲେ ।

କିନ୍ତୁ ସାବତ ମା'ର ମନ ଭଲ ନ ଥାଏ । ତାର ବିନା-ଦରମାର ଏଇ କାମିକା ଝିଅଟି ହାତଛଡ଼ା ହୋଇଯିବ । ତେଣୁ ତାଙ୍କର ଇଚ୍ଛା—ଏଇ ସୁନ୍ଦରୀ ଝିଅଟିକୁ ନିଜ ପୁଅ ସହିତ ବିଭା ଦେବାକୁ ।

ଏଣେ ସାବତ ମା'ଙ୍କ ପୁଅ ମଧ୍ୟ ବଡ଼ ହୋଇସାରିଛି । କୋତରା, ଉଦ୍ଧତ, କଦାକାର ହୋଇଛି ସେ । ତା'ଆଡ଼କୁ ଅନାଇବାକୁ ମଧ୍ୟ ଗୁଲନୋରର ଇଚ୍ଛା ହୁଏନାହିଁ । କିନ୍ତୁ ସାବତ ମା'ଙ୍କ ମୁଣ୍ଡକୁ ଯେତେବେଳେ କଥାଟା ଢୁକିଛି, ସେତେବେଳେ ଜାଣ ତାହା ଠିକ୍‌ହୋଇ ଯାଇଛି । ତଥାପି ସେ ସବୁ ଗୋପନ କରି ରଖିଲେ । ଠିକ୍ ସମୟର ଆଗ ପର୍ଯ୍ୟନ୍ତ ଗୁଲନୋର କିଛିହେଲେ ଜାଣି ପାରିଲା ନାହିଁ ।

ବିବାହ ଦିନ ହଠାତ୍ ଗୁଲନୋରକୁ ବିବାହର ଉପହାର ଆଣି ଦିଆଗଲା ।

"ଏ ପୁଣି କ'ଣ ?" ଆଶ୍ଚର୍ଯ୍ୟ ହୋଇଗଲା ଗୁଲନୋର । ସେ ଦୁଃଖର ସହିତ ଓଇମୋମାକୁ ପଚାରିଲା, "ଏ ଘଟଣା କ'ଣ ଭଉଣୀ ?

"ବିଭାଘର ହେବ !"

"କ'ଣ—କ'ଣ ?"

"ବାପା ଆଉ ମାଆ ତୁମକୁ ବିବାହ ଦେବେ,"—ମନଦୁଃଖରେ କହିଲା ଓଇମୋମା ।

"ସତ କହୁଛ ? କା' ସହିତ ? ରୁଦ୍ଧ ଶ୍ୱାସରେ ପଚାରିଲା ଗୁଲନୋର ।

"ସାବତ ଭାଇ ସହିତ । ବାପା ଆଉ ମାଆ ଯେତେବେଳେ ଆଳାପ କରୁଥିଲେ ସେତେବେଳେ ମୁଁ ଶୁଣିଛି ।"

Digitized by srujanika@gmail.com

"ଓଃ, ମୋର ଯଦି ମରଣ ହୁଅନ୍ତା......"

କେତେ ମିନିଟ୍‌ଯାଏ ଗୁଲନୋରା ଆଉ କୌଣସି କଥା ଭାବି ପାରିଲା ନାହିଁ ।

"କେତେ ଦୁଃଖ ଆଉ ଅଭାଗିନୀ ମୁଁ ନ ସହୁଛି ।" ସେ କହିଲା ।

"ଏବେ ମୋତେ ଏଇ ଘୃଣ୍ୟଟାକୁ ବିବାହ ହେବାକୁ ହେବ ।" ଭାବି ଭାବି ଗୁଲନୋରାର ଦୁଃଖ ପ୍ରବଳ ହୋଇଉଠିଲା । ଶେଷରେ ଠିକ୍‌କଲା, ପଳାଇ ଯିବ......

ଓଇମୋମାକୁ ବୁକୁରେ ଭିଡ଼ିଧରି ଜୋର୍‌କରି ତାକୁ ଚୁମାଦେଇ ବାଟେ ବାଟେ ବାହାରି ଗଲା ।

ଯେଉଁମାନେ ବୋହୂକୁ ଲୁଗାପଟା ପିନ୍ଧାଇବା ପାଇଁ ଅପେକ୍ଷା କରିଥିଲେ, ସେମାନେ ଝିଅ ମନେ ମନେ ଛୁଟିଲେ । ସେମାନଙ୍କ ପଛରେ ଛୁଟିଲେ ଝିଅମାନେ । ସେମାନଙ୍କ ପଛରେ ଘଟକମାନେ । ସେମାନଙ୍କ ପଛରେ ବନ୍ଧୁ ଶିଆ ପିଲାଏ । ସେମାନଙ୍କ ପଛରେ ବନ୍ଧୁ ଶିଆ-ଝିଅମାନେ, ସେମାନଙ୍କ ପଛରେ ବାପନମଙ୍କା ଝିଅମାନେ । ସେମାନଙ୍କ ପଛରେ ନିମନ୍ତ୍ରିତ ଲୋକମାନେ ।

ଗୁଲନୋରା ଦୌଡ଼ିବାକୁ ଲାଗିଲା ଗାଁ ପାରହୋଇ ପଡ଼ିଆରେ, ପଡ଼ିଆ ଛାଡ଼ି ପାହାଡ଼ଆଡ଼େ । ପର୍ବତ ଓ ଗିରିପଥ ମଝିରେ ସେ ଲୁଚିବାପରି ସ୍ଥାନ ଖୋଜିବାକୁ ଲାଗିଲା ।

ସେ ଧାଉଁଛି ତ ଧାଉଁଛି । ଧାଇଁ ଧାଇଁ କ୍ଳାନ୍ତ ହୋଇ ପଡ଼ିଲା । ଶେଷରେ ଶିଥିଳହୋଇ ଯାଇ ପଥର ଉପରେ ଶୋଇପଡ଼ି କାନ୍ଦିବାକୁ ଲାଗିଲା ।

ଏଣେ ଯେଉଁମାନେ ପଛରେ ପଛରେ ଦୌଡ଼ିଥିଲେ, ସେମାନଙ୍କର ଛିଡ଼ିକାର ଓ ପାଦଶବ୍ଦ ଆଗେଇ ଆସିଲା ।

ଏବେ ସେମାନେ ତାକୁ ଦେଖି ପକାଇବେ । ଧରିନେଇଯିବେ ସାବତ ମା'ଙ୍କ ପାଖକୁ ।

କେଉଁପଟ ଗୁଲନୋରା ପୁଣି ଉପତ୍ୟକା ଦେଇ ଛୁଟିବାକୁ ଲାଗିଲା ।

Digitized by srujanika@gmail.com

ଅନେକ ସମୟ ଧରି ଦୌଡ଼ୁଛି ଝିଅଟି । କେଶ ତାର ମୁକୁଳା ହୋଇ ଫିଟି ପଡ଼ୁଛି । ଧାରୁଆ ପଥରରେ ପାଦ ଯାଉଛି ଛିଣ୍ଡି । ଅତି କଷ୍ଟରେ ଦମ୍ ନେଉଛି ସେ । କିନ୍ତୁ ପଛରେ ଆସୁଥିବା ଲୋକମାନେ କ୍ରମଶଃ ଆଗେଇ ଆସୁଛନ୍ତି । ପାହାଡ଼ର ଠିକ୍ ମଝିରେ ଗୁଲନୋବ୍ ରହିଲା, ଉଚ୍ଚ ଚୂଡ଼ା ଆଡ଼କୁ ଅନାଇ ଅନୁନୟ କରି କହିଲା, "ହେ ଉଚ୍ଚ ପାହାଡ଼, ତମ ପାଖରେ ପାର୍ଥନା କରୁଛି ମୋତେ ଦୟା କର, ମୋତେ ଦେଖ !"

ଏଇକଥା କହି ଗୁଲନୋବ୍ କାନ୍ଦିବାକୁ ଲାଗିଲା, "ପଥର ଫୁଟିଯାଅ, ପାହାଡ଼-ଚୂଡ଼ା ପଥ କରି ଦିଅ ! ରାକ୍ଷସୀ ସାବତ ମା'ଙ୍କ ହାତରୁ ଏ ଅନାଥାକୁ ବଞ୍ଚାଅ ।"

ବିଶାଳ ପାହାଡ଼ ଘଡ଼ଘଡ଼ି କରି ଫାଟିଗଲା । ବାଟ ଖୋଲିଗଲା । ଆନନ୍ଦରେ ଚିତ୍କାର କଲା ଝିଅଟି । ଡେଇଁପଡ଼ିଲା ଫାଟ ଭିତରକୁ ।

"ହେ ପଥର, ଏବେ ଆନନ୍ଦରେ ମୋ ଆଖିରୁ ଅଶ୍ରୁ ଆସି ଯାଉଛି । ପାହାଡ଼, ତୁମେ ପୁଣି ବନ୍ଦ ହୋଇଯାଅ । ମୋତେ ଲୁଚାଇ ରଖ । ସାବତ ମା'ର ହାତରୁ ବଞ୍ଚାଅ !"

ପ୍ରବଳ ଶବ୍ଦକରି ପଥର ତାର ବାଟ ବନ୍ଦ କରିଦେଲା । ଏହା ଏତେ ଶୀଘ୍ର ହୋଇଗଲା ଯେ, ଗୁଲନୋବ୍ ତାର ଫିଟିପଡ଼ିଥିବା ଲମ୍ବା କେଶକୁ ଗୋଟେଇନେଇ ପାରିଲା ନାହିଁ । ତେଣୁ ତା କେଶର କିଛି ଅଂଶ ଫାଟରେ ଜାକି ହୋଇ ରହିଗଲା ।

ଘୋଡ଼ାରେ ଗୁଲନୋବ୍‌କୁ ଖୋଜି ଖୋଜି ପଥର ପାଖରେ ପହଞ୍ଚି ତା'ବାପା ହଠାତ୍ ଦେଖିବାକୁ ପାଇଲେ ଯେ, ଗୁଲନୋବ୍ କେଶର କିଛି ଅଂଶ ଫାଟ ମଝିରେ ଉଡ଼ୁଛି ।

"ଝିଅ ମୋର, ଜୀବନ ମୋର !" —ଚିତ୍କାର କରିବାକୁ ଲାଗିଲା ବୁଢ଼ା । କିନ୍ତୁ ପାହାଡ଼ ଭିତରକୁ ଯିବାପାଇଁ ବାଟ ପାଇଲା ନାହିଁ । ବଡ଼ପାଟିରେ ବାପ ପଥର ପାଖରେ ପ୍ରାର୍ଥନା କରିବାକୁ ଲାଗିଲା, "ହେ ପଥର, ତୁମେ ଭାଙ୍ଗିଯାଅ, ପଥର, ତୁମେ ବାଟ କରିଦିଅ, ଝିଅକୁ ମୋର ଥରେ ଦେଖିବାକୁ ଦିଅ, ତାକୁ ଟିକିଏ ଦେଖିବାକୁ ଦିଅ !"

Digitized by srujanika@gmail.com

ହଠାତ୍ ବୁଢ଼ା ଝିଅର ଶାନ୍ତ କଣ୍ଠସ୍ୱର ଶୁଣିବାକୁ ପାଇଲା, "ପଥର, ତୁମେ ଫାଟ ଖୋଲ ନାହିଁ, ତୁମେ ଭାଙ୍ଗିଯାଅ ନାହିଁ । ଆଗେ ଏ ମୋର ବାବା ଥିଲେ । ଏବେ ସେ ମୋର ଶଶୁର ହେବେ ।

ଅତ୍ୟନ୍ତ ଦୁଃଖରେ କାନ୍ଦ କାନ୍ଦ ବାପ ଚାଲିଗଲେ ।

କିଛି ସମୟ ମଧ୍ୟରେ ସାବତ ମା' ଆସି ଚିତ୍କାର କରିବାକୁ ଲାଗିଲା ।

"ହେ ପଥର, ଫାଙ୍କ୍ ହୁଅ ଫାଙ୍କ୍, ହୁଅ ମୁଁ ମୋର ଝିଅକୁ ଦେଖିବି ।"

କିନ୍ତୁ ପଥରର ତଳ ଆଡ଼ୁ ଶୁଣାଗଲା, "ପଥର, ଫାଙ୍କ ହୁଅନା; ପଥର, ବାଟ ଖୋଲି ଦିଅନା । ସେ ମୋର ମା' ନୁହେଁ । ସେ ସେଇ ରାକ୍ଷସୀ ସାବତ ମା' ।

ସାବତ ମା' ପଥରକୁ ଗୋଇଠା ମାରିଲା କିନ୍ତୁ ସେ ଧକ୍କା ତା'ର ପାଦରେ ହିଁ ବାଜିଲା । ସେ ଚାଲିଗଲା ।

ସେତିକିବେଳେ ବର ଆସି କହିଲା, "ଫାଙ୍କ୍ ହୋଇ ଯା ପଥର, ମୁଁ ମୋ ସ୍ତ୍ରୀକୁ ଦେଖିବି ।"

ପଥର ତଳୁ ଶୁଣାଗଲା, "ଫାଙ୍କ୍ ହୁଅନା ପଥର । ବାଟ ଖୋଲି ଦିଅନା । ଏଇ ପିଲାଟା ଯେପରି ମୋ ଆଖିରେ ନ ପଡ଼େ ।"

ଯେତେବେଳେ ସମସ୍ତେ ଚାଲିଗଲେ, ସେତେବେଳେ ଓଇମୋମା ଲୁଚିକରି ପାହାଡ଼କୁ ଆସି ଆସ୍ତେ ଆସ୍ତେ କହିଲା, "ପଥର ବାଟ ଖୋଲିଦିଅ । ମୋ ଭଉଣୀକୁ ଟିକିଏ ଦେଖିବାକୁ ଦିଅ !"

ପଥର ତଳୁ ଚଞ୍ଚଳ ଆନନ୍ଦମୟ ଗଳା ଶୁଣାଗଲା, "ପଥର, ବାଟ ଫିଟାଇ ଦିଅ ସେ ମୋର ପ୍ରିୟ ଭଉଣୀ । ମୋ ପ୍ରାଣର ଓଇମୋମାକୁ ଟିକିଏ ଗୁଡରେ କୁଣ୍ଢାଇ ଧରିବି ।"

ଦୁଇଭଉଣୀ ପରସ୍ପରକୁ ଆଲିଙ୍ଗନ କରି ଉଚ୍ଚ ପାହାଡ଼ ଉପରେ ବୁଲିବାକୁ ଲାଗିଲେ । କିଛି ସମୟ ମଧ୍ୟରେ ସେମାନେ ଆସି ପହଞ୍ଚିଲେ ଜନଶୂନ୍ୟ ପଡ଼ିଆରେ ।

Digitized by srujanika@gmail.com

ଆଉ କିଛି ସମୟ ଚାଲିବା ପରେ ସେମାନେ ଆସି ପହଞ୍ଚିଲେ ଗୋଟାଏ ହ୍ରଦ ପାଖରେ ।

ଓଇମୋମା ପାଣି ପିଇବାକୁ ଚାହିଁଲା ।

ଗୁଲନୋର କହିଲା, "ଏଇ ପାଣି ପିଇଲେ ତୁ ଚାଲୁ ଛୁଆ ହୋଇଯିବୁ ।"

"ଏଁ !" ଭୟ କରିଗଲା ଓଇମୋମା । "ମୁଁ ଚାଲୁ ଛୁଆ ହେବାକୁ ଚାହେଁନା ।"

ଆହୁରି କିଛିବାଟ ଗଲାପରେ, ବାଟରେ ଦେଖିଲେ ଆଉ ଗୋଟିଏ ହ୍ରଦ । ଓଇମୋମା ଦୌଡ଼ିଯାଇ ଆଞ୍ଜୁଳାଏ ପାଣି ଧରିଲା ।

"ପିଇ ନା, ପିଇ ନା । ତୁ ବିଲୁଆ ହୋଇଯିବୁ ।" ପାଟିକଲା ଗୁଲନୋର ।

"ଆରେ ବାବା ! ବିଲୁଆ ହେବାକୁ ଚାହେଁନା ମୁଁ ।" କହିଲା ଓଇମୋମା । ସେ ଦୁହେଁ ଆଉ କିଛି ବାଟ ଗଲେ । କିଛି ସମୟ ମଧ୍ୟରେ ଆହୁରି ଗୋଟିଏ ହ୍ରଦ ଦେଖିବାକୁ ପାଇଲେ ।

"ଦେଖ୍ ଭଉଣୀ, ଏଠାରେ ପାଣି ପିଅନା । ଛେଳିଛୁଆ ହୋଇଯିବୁ ତୁ ।" ଟିକିଏ ଦୃଢ଼ ସ୍ୱରରେ କହିଲା ଗୁଲନୋର ।

"ଆଃ, କି ମଜା !" ହସି କହିଲା ଓଇମୋମା । "ମୁଁ ଡେଇଁବି ଆଉ ଶିଙ୍ଗରେ ଭିଡ଼ି ମାରିବି ।"

ଗୁଲନୋର ଆଉ କୌଣସି କଥା କହିବା ଆଗରୁ ଓଇମୋମା ପାଣି ପିଇଦେଲା । ଗୁଲନୋର ଦେଖିଲା, ତା ସାମନାରେ ଡେଉଁଛି ଗୋଟାଏ ଛୋଟ ଦୁଷ୍ଟ ଛେଳିଛୁଆ ।

"ହାୟରେ ଭଉଣୀ ମୋର" ! ଛେଳିଛୁଆକୁ କୁଣ୍ଢାଇ ଧରି ଗୁଲନୋର କାନ୍ଦି ପକାଇଲା ।

Digitized by srujanika@gmail.com

ହଠାତ୍ କେଉଁଠୁ ଆସି ପହଞ୍ଚିଲେ ଶିକାରୀମାନେ । ଛେଳଛୁଆଟିକୁ ଦେଖି ସେମାନେ ଶର ମାରିବାକୁ ଲାଗିଲେ ।

"ଚାଲ ଆମେ ଦୌଡ଼ ପଳାଇବା !" ଚିତ୍କାର କରି କହିଲା ଗୁଲନୋରା ।

କିନ୍ତୁ ଡେରି ହୋଇ ଯାଇଥିଲା, ଶିକାରୀମାନେ ଏଥିମଧ୍ୟରେ ସେମାନଙ୍କୁ ଘେରି ସାରିଥିଲେ ।

ଶିକାରୀମାନେ ଗୁଲନୋରା ଓ ତା ଭଉଣୀ ଛେଳଛୁଆକୁ ବାଦଶାହଙ୍କ ପାଖକୁ ନେଇଗଲେ ।

ଗୁଲନୋରାର ରୂପ ଦେଖି ବାଦଶାହ ମୁଗ୍‌ଧ ହୋଇଗଲେ ଓ ତାକୁ ଭଲ ପାଇଲେ ।

"ତୁମେ ମୋର ବେଗମ ହେବ !" ବାଦଶାହ କହିଲେ । ଚାଳିଶ ଦିନ ବ୍ୟାପି ଚାଲିଲା ବିବାହ ଭୋଜି ।

ଏଣେ ବାଦଶାହଙ୍କର ଆଉ ଗୋଟିଏ ବେଗମ୍ ଥିଲେ । ତାଙ୍କ ନାଁ ବେକଇମ । ପ୍ରଥମରୁ ସେ ଗୁଲନୋରାକୁ ଦେଖିପାରିଲେ ନାହିଁ । ତା' ନାଆଁରେ ବାଦଶାହଙ୍କ ପାଖରେ ମିଛସଚ ଲଗାଉ କହିବାକୁ ଲାଗିଲେ—

Digitized by srujanika@gmail.com

"ସେ ଡାହାଣୀ, ଯାଦୁ ଜାଣେ । ତା ସହିତ ଯେଉଁ ଛେଳିଛୁଆଟା ଅଛି, ସେଇଟାକୁ ମନ୍ତ୍ର କରି ରଖିଛି ।"

ବେକଇମ ଛେଳିଛୁଆକୁ ଶିକୁଳିରେ ବାନ୍ଧି ରଖିବାର ଆଦେଶ ଦେଲେ ।

ମାସ ପରେ ମାସ ବିତିଗଲା । ବେକଇମ ଆଗ ଅପେକ୍ଷା ଆହୁରି ବେଶୀ ଲାଗି ଯାଇଛନ୍ତି । କାରଣ ଗୁଲନୋରର ପିଲା ହେବ ।

ବେକଇମଙ୍କର ବହୁଦିନର ସ୍ୱପ୍ନ ଯେ ବାଦଶାହଙ୍କର ଜଣେ ଉତ୍ତରାଧିକାରୀକୁ ଜନ୍ମ ଦେବେ ବୋଲି । କିନ୍ତୁ ତାଙ୍କର ସ୍ୱପ୍ନ ସଫଳ ହୋଇନାହିଁ । ଗୁଲନୋର ଖୁବଶୀଘ୍ର ମା' ହେବ—ଏଇ ଖବର ବାଦଶାହଙ୍କ କାନରେ ଯାଇ ପହଞ୍ଚିଲା । ଆନନ୍ଦରେ ସେ ଉତ୍ସବର ଆୟୋଜନ କଲେ ଏବଂ ଗୋଟାଏ ବିରାଟ ଭୋଜିର ଆୟୋଜନ ହେଲା । ବାଦଶାହ ଭୋଜି ଶେଷରେ ଅତିଥିମାନଙ୍କୁ ନେଇ ଶିକାର କରିବାକୁ ଗଲେ ।

ସବୁଥିଲା ବେକଇମଙ୍କ ହାତରେ । ଏକ ବିଶାଳ ଅତଳ ପୋଖରୀ ଆଉ ପାଖରେ ଥିବା ଗଛରେ ଗୋଟାଏ ଦୋଳି ପକାଇବାର ଆଦେଶ ଦେଲେ ବେକଇମ । ଗୁଲନୋର ପାଖକୁ ଯାଇ କହିଲେ ସେଇ ଦୋଳିରେ ଚଢ଼ି ଖେଳିବା ପାଇଁ । ଯେତେବେଳେ ଗୁଲନୋର ଦୋଳି ଖେଳୁ ଖେଳୁ ଦୋଳିଟା ଗଛର ଉଚ୍ଚତାର ଉପରକୁ ଉଠିଗଲା, ବେକଇମ ସମସ୍ତଙ୍କ ଅଲକ୍ଷ୍ୟରେ ଦଉଡ଼ିଟା କାଟିଦେଲା ।

"ଓଃ !" —ଚିତ୍କାର କଲା ଗୁଲନୋର । ପଡ଼ିଲା ଯାଇ ପୋଖରୀ ଜଳରେ । ଜଳର ଅତଳରେ ସେ ବୁଡ଼ିଗଲା ଏକବାରେ ।

କେବଳ ଛେଳିଛୁଆ ହିଁ ଏ ଘଟଣାଟି ଦେଖିଥିଲା । ଖୁବ୍ ଅଳ୍ପ ସମୟ ଭିତରେ ଗୁଲ୍‌ନୋର ଅଦୃଶ୍ୟ ହୋଇଯିବାଟା ସମସ୍ତଙ୍କ ନଜରରେ ପଡ଼ିଲା । ହୋ ହା ପଡ଼ିଗଲା । ଦୂତ ଘୋଡ଼ା ଛୁଟାଇ ଗଲା ବାଦଶାହଙ୍କ ପାଖକୁ ।

ବାଦଶାହ ଶିକାରରୁ ଫେରିବା ପରେ ବେକଇମ ଅସୁସ୍ଥତାର ଛଳନା କଲା । ବେକଇମ କହିଲା, ବିପଦ ପଡ଼ିଲା ।

'କ'ଣ ହେଲା ?' ପଚାରିଲେ ବାଦଶାହ ।

Digitized by srujanika@gmail.com

ଗୁଲନୋର୍ ଯାଦୁବିଦ୍ୟା ଜାଣେ । ମୋ କଥା ତୁମେ ବିଶ୍ୱାସ କରୁନା । ସେ ମୋତେ ବିଷ ଖୁଆଇ ଦେଇ ନିଜେ ପେଚା ହୋଇ ଉଡ଼ି ଯାଇଛି ।"

"ଓଃ, କି ଶୟତାନ !" —ରାଗି ପାଟିକରି ଉଠିଲେ ବାଦଶାହ । ତା'ପରେ ଶିକାରୀମାନଙ୍କୁ ଡାକି କହିଲେ, "ଯାଅ, ତାକୁ ଖୋଜି ବାହାର କର ।"

ଗୁଲନୋରକୁ ଖୋଜି ବାହାର କରିବାଲାଗି ଶିକାରୀମାନେ ବାହାରି ପଡ଼ିଲେ । ସାରା ପ୍ରେରୀ, ସମସ୍ତ ଗିରିପଥ ସେମାନେ ଖୋଜିଲେ । କିନ୍ତୁ ଖାଲି ହାତରେ ଫେରିଲେ ସେମାନେ ।

ଦିନ ଯାଏ କିନ୍ତୁ ଛେଳିଛୁଆ ଆଉ ଖେଳେ ନାହିଁ । ଖୁସିବାସି ବି ହୁଏ ନାହିଁ । ଗଭୀର ଦୁଃଖରେ ସେ ଦିନସାରା ପୋଖରୀର ଜଳକୁ ଚାହିଁଥାଏ ।

ତା'ର ଶୟତାନୀ ଧରା ପଡ଼ିଯିବ, ଏଇଆ ଭାବି ବେକଇମ ଭୟ ପାଇଗଲାଣି । ତେଣୁ ସେ ଜଣେ ଗାଁ ବଇଦ ସାଙ୍ଗେ ପରାମର୍ଶ କଲା ।

ବାଦଶାହଙ୍କ ପାଖକୁ ଖବର ଗଲା ଯେ ବେକଇମ ଖୁବ୍ ଅସୁସ୍ଥ ।

ଯେତେବେଳେ ବାଦଶାହ ତାଙ୍କର ଖବର ନେବାକୁ ଆସିଲେ, ଗାଁ ବଇଦ କହିଲା, "ମହାମାନ୍ୟା ବେକଇମଙ୍କ ଅବସ୍ଥା ଖୁବ୍ ଖରାପ । ତାଙ୍କୁ ରକ୍ଷା କରିବାର ଗୋଟିଏ ମାତ୍ର ଉପାୟ ଅଛି । ଆଲ୍ଲାଙ୍କ ପାଖରେ ଉତ୍ସର୍ଗୀକୃତ ଗୋଟିଏ ଛେଳିଛୁଆର କବାବ ତାଙ୍କୁ ଖୁଆଇବାକୁ ହେବ ।"

ବାଦଶାହ ହୃଦୟରୁ ଗୁଲ୍ନୋରକୁ ଭୁଲିପାରି ନାହାନ୍ତି । ଗୁଲ୍ନୋରର ପ୍ରେଷ୍ଠ ଛେଳିଛୁଆଟି ପାଇଁ ତାଙ୍କ ମନରେ ଦୁଃଖ ହେଲା । ସେ କହିଲେ, "ବେଶ୍, ଶିକାରୀମାନଙ୍କୁ ଆଦେଶ ଦେଉଛି ଏକ ବଣ-ଛେଳି ଛୁଆ ଆଣି ଦେବା ପାଇଁ ।"

ଗାଁ ବଇଦ କହିଲା, "ନା, ଆଲ୍ଲା ମୋତେ ସ୍ୱପ୍ନରେ କହିଛନ୍ତି, ଏଇ ଛେଳିଛୁଆର ମାଂସ ରୋଗିଣୀକୁ ଦେବା ପାଇଁ । ତା'ହେଲେ ଯାଇ ମହାମାନ୍ୟା ବେକଇମ ଭଲ ହୋଇଯିବେ ।"

Digitized by srujanika@gmail.com

ବିଜର ଆଣୁ ଥାପୁଡ଼ାଇ ବାଦଶାହ କହିଲେ, "ହାୟରେ ! ବଡ଼ ସୁନ୍ଦର ଏଇ ଛେଳଛୁଆଟି । କିନ୍ତୁ କ'ଣ କରାଯାଏ···ମୁଁ ରାଜା···"

ଛେଳଛୁଆ କାନ୍ଦିବାକୁ ଲାଗିଲା । ଦୁଃଖରେ ତା'ର ଆଖିରୁ ଲୁହ ଗଡ଼ିଲା । ସେ ଦୌଡ଼ିଗଲା ପୋଖରୀ କୂଳକୁ ।

ସେଠାରେ ପୋଖରୀର ଜଳ ଭିତରୁ ଭାସି ଆସିଲା ଶାନ୍ତ କୋମଳ ସ୍ୱର—

"ଆରେ ମୋର କୃଷ୍ଣନୟନା
ଆରେ ମୋର ଶ୍ରେଷ୍ଠ ଝିଆଟି
ଆରେ ମୋର ଶ୍ରେଷ୍ଠ ସୁନାଟି
ଶୋଇପଡ଼ ଶୋଇପଡ଼ !"

"ଆଃ ! ଆନନ୍ଦରେ ଚିତ୍କାର କରି ଛେଳଛୁଆ ହୋଇଥିବା ଓଇମୋମା କହି ପକାଇଲା—ଏ ତ ଆମ ସାଲନୋସ୍ତାର କଣ୍ଠ । ପୁଣି ସେଇ ସ୍ୱର ଶୁଣାଗଲା—

ଆରେ ମୋର ଚନ୍ଦ୍ରବଦନା
ହରିଣ ଭୂରୁ, କୋମଳ ହାତ
ମୋ ସୁନାମଣି
ଶୋଇପଡ଼, ଶୋଇପଡ଼ ।

କିନ୍ତୁ ସେଇ ସମୟରେ ବଗିଚାକୁ ଦୌଡ଼ିଆସିଲେ ପାଞ୍ଚଜଣ ଜଣ ରାନ୍ଧୁଣିଆ । କିଛି ସମୟ ମଧ୍ୟରେ ଖୁବ୍ ଜୋର୍‌ରେ ନିଆଁ ଜାଳି ତା ଉପରେ ରଖିଦେଲେ ଗୋଟାଏ ବଡ଼ ହାଣ୍ଡି ।

ରାନ୍ଧୁଣିଆଙ୍କ ପରେ ଆସିଲେ ପାଞ୍ଚଜଣ ଜଣ କଂସେଇ । ଗଛ ଡାଳରେ ବାନ୍ଧିଲେ ଦଉଡ଼ି । ଧାରୁଆ ଛୁରୀ ଶାଣ ଦେଲେ ପଥର ଉପରେ । ତା'ପରେ ପାଞ୍ଚଜଣ ଜଣ କଂସେଇ ଛେଳଛୁଆଟିକୁ ଧରି ପାଦ ବାନ୍ଧି ପକାଇଲେ ।

କଂସେଇ ସର୍ଦ୍ଦାର ଦେଖିବାକୁ ଠିକ୍ ସେଇ ଈଗଲ ପକ୍ଷୀ ପରି—ଯିଏ ପ୍ରସ୍ତୁତ ହୋଇ ରହିଛି ପାପୀର ଗଳାକୁ ଚିକ ଚିକ କରି ଦେବାପାଇଁ ।

Digitized by srujanika@gmail.com

କିନ୍ତୁ ଯେତେବେଳେ ଜଣେ ତା'ର ଧାରୁଆ ଛୁରୀଟାକୁ ଛେଳି ଛୁଆର ଗଳାରେ ଛୁଆଁଇଛି, ଏହି ସମୟରେ ଛେଳିଛୁଆ ଅନୁନୟ କରି କହିଲା, "ହେ ବାଦଶାହ, ମୋର କଥା ଶୁଣନ୍ତୁ । ······ମୋର ଗୋଟାଏ ଅନୁରୋଧ ଅଛି ।

କିଂସେଇ ବିସ୍ମୟରେ ହତଭମ୍ବ ହୋଇଗଲା । ଛେଳି ମଣିଷ ପରି କଥା କହିପାରେ ତାହା ସେ କେବେହେଲେ ଶୁଣି ନ ଥିଲା ।

ଆଉ ବାଜପକ୍ଷୀର କବଳରୁ ଛୁଟିକି ବାହାରି ଆସୁଥିବା ପକ୍ଷୀପରି ଛେଳିଛୁଆଟି ଜଳ ନିକଟକୁ ଦୌଡ଼ିଯାଇ କହିଲା—"ଗୁଲନୋରା, ଗୁଲନୋରା, ତୁମର ପ୍ରିୟ ଭଉଣୀ ଓଇମୋମା ତୁମକୁ ଅନୁରୋଧ କରୁଛି, ସାହାଯ୍ୟ କର !"

ପୋଖରୀ ତଳୁ ଗୁଲନୋରାର ଗଳା ଶୁଣାଗଲା, "ଦୁଃଖରେ ମୋର ଛାତି ଫାଟି ଯାଉଛି । ଭଉଣୀ ମୋର ! ହାୟ, ଉପରକୁ ଉଠି ଯିବାର ଶକ୍ତି ନାହିଁ । ମୋର ପକ୍ଷ ନାହିଁ ଯେ ତୋ ପାଖକୁ ଉଡ଼ିଯିବି !"

ଓଇମୋମା ଆହୁରି ଜଳ ନିକଟକୁ ଯାଇ କହିଲା, "ହାଣ୍ଡି ବସିଛି । ଛୁରୀ ଧରା ହୋଇଛି । ଶୀଘ୍ର ଜଳରୁ ବାହାରି ଆସ ଭଉଣୀ, ମୋର ମୁଣ୍ଡ ଉପରେ ଛୁରୀ ଝୁଲୁଛି ।"

ପୁଣି ଗୁଲନୋରାର ଗଳା ଶୁଣାଗଲା, "ପାଦ ତଳେ ସୁନ୍ଦର ଗାଲିଚା, ମୋ ପାଖରେ ଦୁଇଟି ଦୋଳି, ମୋ କୋଳରେ ଦୁଇଟି ଯମଜ ସନ୍ତାନ—ହାସାନ ଓ ହୁସେନ !"

ଏଇ ବଳଉତ୍ସବରେ ଯେଉଁସବୁ ଲୋକ ଜମା ହୋଇଥିଲେ ସେମାନେ କହିଲେ, "ଭାଇ, ଏ ଯେ ଗୁଲନୋରାର କଣ୍ଠସ୍ୱର !"

ବାଲ୍‌ଟି, ଥାଳି, ଗିନା, ଗିଲାସ ଯିଏ ଯାହା ପାଇଲା ନେଇ ପୋଖରୀରୁ ଜଳ ଉଝାଳିବାକୁ ଲାଗିଲେ ।

କିଛି ସମୟ ମଧ୍ୟରେ ପୋଖରୀର ସମସ୍ତ ଜଳ ବାହାର କରିଦେଲେ । ସେତେବେଳେ ଯାଇ ସମସ୍ତେ ଦେଖିଲେ, ତା' ତଳେ ରହିଛି ଗୁଲନୋରା ।

Digitized by srujanika@gmail.com

ଗୁଲନୋଗର ଦୁଇ ପାଖରେ ରହିଛି ଦୁଇଟି ସୁନା ଦୋଳ । ତା ମଧ୍ୟରେ ଶୋଇଛନ୍ତି ଦୁଇଟି ଅପୂର୍ବ ସୁନ୍ଦର ମନୁଜ ସନ୍ତାନ—ହାସାନ ଓ ହୁସେନ ।

ଛେଳକୁଆଟିକୁ ଜାକି ଧରି ଗୁଲନୋର କହିଲା, "ତୁ ମୋର ଜୀବନ ଫେରାଇ ଦେଇଛୁ ଭଉଣୀ ! ଏଇ ନେ ତୋର ଔଷଧ, ଖାଇଦେ ।"

ଛେଳକୁଆଟି ମନ୍ତୁର ଜଳରୁ ଢୋକେ ପିଇଦେଲା । ଝିଙ୍କାଏ ଦେହକୁ ଝାଡ଼ିଦେଇ ଉଠିଲା । ସମସ୍ତଙ୍କ ସାମନାରେ ଛେଳକୁଆଟି ହୋଇଗଲା ପୁଣି ତରୁଣୀ—ଓଇମୋମା !

ସେତେବେଳେ ଯାଇଁ ଗୁପ୍ତ ଘଟଣାଟି ଖୋଲି ହୋଇଗଲା । କିଛି ସମୟ ପରେ ବେକଇମ ଓ ଗାଁ ବଇଦକୁ ବାଦଶାହଙ୍କ ପାଖକୁ ନେଇ

Digitized by srujanika@gmail.com

ହାଜର କରାଗଲା । ବାଦଶାହ ଆଦେଶ ଦେଲେ, "ଗୁଳଶଣ୍ଟା ଘୋଡ଼ାର ଲାଞ୍ଜରେ ଏମାନଙ୍କୁ ବାନ୍ଧି, ପ୍ରେପି ଭୂମିରେ ଘୋଡ଼ା ଛୁଟାଇ ଦିଅ ।"

"ତା'ହେଲେ ଏଇ ନିଅ"—କହି ବେକଇମ ଗୋଟାଏ ଛୁରୀ ବାଦଶାହାଙ୍କ ବୁକୁରେ ବସାଇ ଦେଲା ।

ବାଦଶାହ ମାଟିରେ ଢଳି ପଡ଼ିଲେ । ତାଙ୍କର ଶେଷ ନିଃଶ୍ୱାସ ବାହାରିଗଲା । ଲୋକମାନେ ଗାଁ ବଇଦ ଓ ବେକଇମଙ୍କୁ ଧରିଲେ । ମୃତ୍ୟୁ ଆଗରୁ ବାଦଶାହ ଯାହା କହି ଯାଇଥିଲେ, ତାହା କଲେ ।

ସେତେବେଳେ ଲୋକମାନେ ଗୁଲନୋରାଙ୍କୁ କହିଲେ, "ଆପଣ ନିଜେ ଆମ୍ଭମାନଙ୍କୁ ଶାସନ କରନ୍ତୁ ।"

ତା'ପରେ ଗୁଲନୋରା, ଓଇମୋମା, ହାସାନ ଓ ହୁସେନ ଆଉ ସେ ଦେଶର ସବୁ ଲୋକେ ଶାନ୍ତିରେ ବସବାସ କରି ରହିଲେ, ସେମାନଙ୍କର ଇଚ୍ଛା ପୂରଣ ହେଲା ।

———

Digitized by srujanika@gmail.com